

ଯଦି ଆମେ ସତ୍ ଜୀବନ ଯାପନ କରିବାକୁ ଚାହିଁବା, ଆମକୁ ମନ ଭିତରେ ଅଳସୁଆମୀକୁ ତ୍ୟାଗ କରି କିଛି ଭଲ ଚିନ୍ତା କରିବାକୁ ପଡ଼ିବ। ତା'ହେଲେ ଆମର ଜୀବନ ଧାରା ସରଳ ହୋଇଯିବ। -ମହାତ୍ମା ଗାନ୍ଧୀ



■ ଏମ୍ଇ ସ୍କୁଲସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

# ଭାଗ ନେଲେ ୧୬ ସ୍କୁଲର ୧୦୭ ଛାତ୍ରୀଛାତ୍ର





ଶନିବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ବାଳିକା ଓ ବାଳକବର୍ଗ ଦଳଗତ ଚାମ୍ପିୟନ କ୍ଷେତରାଜପୁର ସରକାରୀ ହିନ୍ଦୀ ଏମ୍ଇ ସ୍କୁଲ ଛାତ୍ରୀଛାତ୍ରମାନେ ଅତିଥିଙ୍କ ସହ (ବାମ)। ବାଳିକା ବର୍ଗ ୬୦୦ ମିଟର ଦୌଡ ଇଭେଣ୍ଟରେ ଭାଗ ନେଇଥିବା ଖେଳାଳି।

**ସମ୍ବଲପୁର, ୨୧।୧୨ (ବ୍ୟୁରୋ)**

ବର୍ଷିୟାନ ଜିଲା କ୍ରୀଡା ସଂଘ ପକ୍ଷରୁ ଏମ୍ଇ ସ୍କୁଲସ୍ତରୀୟ କ୍ରୀଡା ପ୍ରତିଯୋଗିତା ଶନିବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ବାଳିକା ଓ ବାଳକ ବର୍ଗରେ କ୍ଷେତରାଜପୁର ସରକାରୀ ହିନ୍ଦୀ ଏମ୍ଇ ସ୍କୁଲ ଛାତ୍ରୀଛାତ୍ରମାନେ ଦଳଗତ ଚାମ୍ପିୟନ ହୋଇ ବାଜିମାତ କରିଛନ୍ତି। ଏହି ଟୁର୍ନାମେଣ୍ଟରେ ୧୬ଟି ସ୍କୁଲରୁ ୪୧ଜଣ ବାଳିକା ଓ ୬୬ ଜଣ ବାଳକ ଅଂଶଗ୍ରହଣ କରିଥିଲେ। ୧୦୦, ୨୦୦, ୬୦୦ ମିଟର ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ସଟପୁଟ ଥ୍ରୋ ଇଭେଣ୍ଟ ହୋଇଥିଲା । ଇଭେଣ୍ଟ ଗୁଡିକୁ ୪୦ଜଣ ଅଫିସିଆଲ ପରିଚାଳନା କରିଥିଲେ। ସଂଘ ସଭାପତି ଗୋକୁଳ ଚନ୍ଦ୍ର ଦର୍ଜିଙ୍କ ପରିଚାଳନା ଓ ଡ. ବିଜୟ କୁମାର ପ୍ରଧାନଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା । କ୍ରୀଡାବିତ କିରଣଶଙ୍କର ପଟ୍ଟନାୟକ ମୁଖ୍ୟଅତିଥି, ଅନ୍ତର୍ଜାତୀୟ ମାଷ୍ଟର୍ସ ସୁଇମର୍ସ ନାରାୟଣ ପଣ୍ଡା, କ୍ରୀଡା ସଂଗଠକ ବିଶ୍ୱମ୍ଭର ବହିଦାର ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ କ୍ରୀଡାବିତମାନଙ୍କୁ ପୁରସ୍କୃତ କରିଥିଲେ। ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ ସୂଚନା ପ୍ରଦାନ କରିଥିବା ବେଳେ ଜନ ଖାଲଖୋ ଧନ୍ୟବାଦ ଅର୍ପଣ କରିଥିଲେ । ସକାଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀତାର ଶୁଭାରମ୍ଭ କରିଥିଲେ। ଉପସଭାପତି ଇଦ୍ରିଶ ମଲ୍ଲିକ, କୋଷାଧ୍ୟକ୍ଷ ଅଶୋକ କୁମାର ସାହୁ, କ୍ଷେତ୍ରବାସୀ ସେଠ, ପ୍ରେମରଞ୍ଜନ ପ୍ରଧାନ, ମଥୁରା ଓରାମ, ମନୋଜ ଭୋଇ, ସୁକାନ୍ତ ବୋଷ, ବାବୁଲି ଗହିର, ସ୍ୱରୂପ ପଟ୍ଟନାୟକ, ସୁରେନ୍ଦ୍ର ନାୟକ, ସନ୍ତୋଷ ବିଶ୍ୱାଳ, ପ୍ରଣବ ଶତ୍ରୁଶଲ୍ୟ, ମନୋରଞ୍ଜନ ପାଢ଼ୀ, ସାଲେଗ୍ରାମ ଖୁଣ୍ଟିଆ, ଅଭୟ ହୋତା, ଆର୍ତତ୍ରାଣ ମାଝି, ନରେଶ ଚନ୍ଦ୍ର ସେଠ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବାଳିକା, ବାଳକମାନଙ୍କୁ ପୁଷ୍ପଗୁଚ୍ଛ, ଟ୍ରଫି, ସାର୍ଟିଫିକେଟ ପ୍ରଦାନ କରିଥିଲେ। ରମଣୀରଞ୍ଜନ ସାହୁ, ଜଗବନ୍ଧୁ ବେହେରା, ପଦ୍ମ ନାୟକ, ଲକ୍ଷ୍ମଣ ନାଥ, ପ୍ରଫୁଲ୍ଲ ଗହିର, ସତ୍ୟରଞ୍ଜନ ପଣ୍ଡା ପ୍ରମୁଖ ମାଚ୍ଛପାଷ୍ଟ ପରିଚାଳନା କରିଥିଲେ। ସମ୍ବଲପୁର ଜିଲା କୁଲୁଣ୍ଡିସ୍ଥିତ ସରକାରୀ ଶାରୀରିକ ଶିକ୍ଷା କଲେଜ ପ୍ରଶିକ୍ଷାର୍ଥୀମାନେ ଇଭେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

# ଦେବଗଡ଼ରେ ଶିଶୁ ସଂସଦ କାର୍ଯ୍ୟକ୍ରମ



ପ୍ରଶାସନିକ ଅଧିକାରୀ, ରାଜନୈତିକ ନେତୃବୃନ୍ଦ,ଗଣମାଧ୍ୟମ ପ୍ରତିନିଧି ବିଚାରକଙ୍କ ସହ ଛାତ୍ରୀଛାତ୍ର।

ଦେବଗଡ଼, ୨୧।୧୨(ଡ଼ି.ଏନ୍.ଏ.) ସ୍ଥାନୀୟ ଟାଉନ୍‌ହଲ ଠାରେ ଜିଲା ଶିଶୁ ସୁରକ୍ଷା ୟୁନିଟ ତଥା ଶିଶୁ ବିକାଶ ଓ ମିଶନ ଶକ୍ତି ଆନୁକୂଲ୍ୟରେ ଶନିବାର ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶିଶୁ ମାନଙ୍କ ଦ୍ୱାରା ଶିଶୁ ଅଧିକାର ସମ୍ପର୍କିତ ବିଭିନ୍ନ ବିଷୟ ଉପସ୍ଥାପନ କରିବା ପାଇଁ ପ୍ରଶାସନିକ ଅଧିକାରୀ, ରାଜନୈତିକ ନେତୃବୃନ୍ଦ ଓ ଗଣମାଧମ ପ୍ରତିନିଧିମାନଙ୍କ ସହ ବାଳ ସଂସଦ ଆୟୋଜିତ ହୋଇଯାଇଛି। ଜିଲାରୁ ବିଭିନ୍ନ ଶିକ୍ଷାନୁଷ୍ଠାନ ଯଥା କେନ୍ଦ୍ରୀୟ ବିଦ୍ୟାଳୟ, ସରକାରୀ ବାଳିକା ବିଦ୍ୟାଳୟ, ବାଳଭାରତୀ ବିଦ୍ୟାଳୟ, ଶୁଭ୍ରଜ୍ୟୋତି ଆବାଶିକ ବିଦ୍ୟାଳୟ, ଜବାହାର ନବୋଦୟ ବିଦ୍ୟାଳୟ, ଚିନ୍ମୟ ଇଂଲିସ ମିଡ଼ିୟମ ବିଦ୍ୟାଳୟ, ଅରବିନ୍ଦ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ତିଲେଇବଣିର ବାଳ ସଂସଦ ପ୍ରତିନିଧିଦଳ ରାଜନେତାମାନଙ୍କ ବେଶପୋଷାକରେ ବାଳ ସଂସଦରେ ଯୋଗ ଦେଇଥିଲେ। ଶିଶୁ ଅଧିକାର ସମ୍ପର୍କିତ ବିଭିନ୍ନ ସମସ୍ୟାକୁ ଶିଶୁ ସଂସଦମାନେ ସଂସଦରେ ଉପଯୁକ୍ତ ତଥ୍ୟ ସହିତ ଉପସ୍ଥାପନ କରିଥିଲେ । ଶିଶୁ ଅଧିକାର ସମ୍ପର୍କିତ ୭ଟି ବିଷୟ ଯଥା ଶିକ୍ଷା ଅଧିକାର ଆଇନ, ବେଟୀ ବଚାଓ ବେଟୀ ପଢ଼ାଓ, ଶିଶୁ ଶ୍ରମିକ ନିଷେଧ ଅଧିନିୟମ, ଭିନ୍ନକ୍ଷମ ଶିଶୁଙ୍କ ଥଇଥାନ, ଶିଶୁ ମିତ୍ର ପୋଲିସ୍, ପୋକ୍ସୋ ଓ ବାଲ୍ୟ ବିବାହ ନିଷେଧ ଅଧିନିୟମ ଉପରେ ସଂସଦରେ ଚର୍ଚ୍ଚା କରାଯାଇଥିଲା । ସଂସଦରେ ପ୍ରତି ରାଉଣ୍ଡରେ ସଂସଦ ପରିଚାଳନା କରିବା ପାଇଁ ଜଣେ ରାଜନେତା ବାଚସ୍ପତି ଭାବେ ଓ ଦୁଇଜଣ ଗଣମାଧମର ପ୍ରତିନିଧି ଶାସକ ଓ ବିରୋଧି ଦଳର ମୁଖପାତ୍ର ଭାବରେ କାର୍ଯ୍ୟ ତୁଲାଇଥିଲେ। ଶିଶୁ ସଂସଦଙ୍କ ଦ୍ୱାରା ଅନେକ ବିଲ ଉପସ୍ଥାପନା କରାଯାଇ ଗୃହ ଦ୍ୱାରା ଗୃହିତ କରାଯାଇଥିଲା। ଶିଶୁ ସଂସଦ ବିଚାରକଭାବେ ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଅତୁଲ୍ୟ ପୂଜାରୀ, ସଦସ୍ୟା ଜ୍ୟୋସ୍ନାରାଣୀ ମିଶ୍ର, ଡ଼. ଗିରିନ୍ଦ ସାହୁ, ବରିଷ୍ଠ ଆଇନଜୀବୀ ମନୋଜ କୁମାର ପାଢ଼ୀ, ଦିଲୀପ କୁମାର ଗୁରୁ, ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ସିଂ ଯୋଗଦାନ କରିଥିଲେ। ସେହିପରି ବାଚସ୍ପତି ଭାବରେ ବିଜେଡ଼ି ଜିଲା ସମ୍ପାଦକ ଇଂ. ବିଷ୍ଣୁ ପ୍ରସାଦ ଅମାତ୍ୟ, ଭାଜପା ଯୁବମୋର୍ଚ୍ଚାର ରାଜ୍ୟ ଉପସଭାପତି ଆଲୋକ ମିଶ୍ର, ଭାଜପା ପୂର୍ବତନ ଜିଲା ସଭାପତି ଅରୁଣ କୁମାର ସାହୁ, ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ, କଂଗ୍ରେସ ବରିଷ୍ଠ ନେତା ସେମ ହେମରମ ଓ ବିଜୁ କୃଷକ ସେଲର ଜିଲା ସଭାପତି ଚିତ୍ତରଞ୍ଜନ ପ୍ରଧାନ କାର୍ଯ୍ୟ ନିର୍ବାହ କରିଥିଲେ । ସେହିପରି ଶାସକ ଓ ବିରୋଧି ଦଳର ମୁଖପାତ୍ରଭାବେ ଗଣମାଧମ ପ୍ରତିନିଧି ଶଶାଙ୍କ ଶେଖର ଝାଙ୍କର, ଶକ୍ତି ସୌରଭ ନନ୍ଦ, ବ୍ରିଜେଶ ସାହୁ, ଟିକେଶ୍ୱର ଗୁରୁ, ସତ୍ୟନାରାୟଣ ମିଶ୍ର, ମାନସ କୁମାର ଦ୍ୱିବେଦୀ, ପ୍ରତାପ କିଶୋର ନାୟକ, ସୁଜାତା ସାହୁ, ଅନନ୍ତ ଦାସ ପ୍ରମୁଖ ଶିଶୁମାନଙ୍କୁ ଉପସ୍ଥାପନାରେ ସହାୟତା କରିଥିଲେ । ଅନ୍ୟପକ୍ଷେ ବରିଷ୍ଠ ନାଗରିକ କମିଟିର ସଦସ୍ୟ ହେମନ୍ତ ମହାପାତ୍ର,ମାର୍କଣ୍ଡେଶ୍ୱର ଶତପଥି ଓ ନିରଞ୍ଜନ ଦ୍ୱିବେଦୀ ଯୋଗ ଦେଇ ଶିଶୁ ସଂସଦମାନଙ୍କୁ ଚାଇଲ୍ଡଲାଇନ୍ ସ୍ୱେଚ୍ଛାସେବୀ ଭାବେ ଚୟନ କରି ପରିଚୟପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ନିବେଦିତା ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ଧରମ ହାଁସଦା ଯୋଗ ଦେଇ ଶିଶୁ ସଂସଦର ପ୍ରଥମ ଶ୍ରେଷ୍ଠ ସଂସଦଭାବେ ଶୁଭ୍ରଜ୍ୟୋତି ଆବାଶିକ ବିଦ୍ୟାଳୟକୁ ଓ ଦ୍ୱିତୀୟ ଶ୍ରେଷ୍ଠ ସଂସଦ ଭାବେ ଅରୋବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ପୁରସ୍କାର ପ୍ରଦାନ କରିଥିଲେ । ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ, ପ୍ରମୋଦ ପୂଜାରୀ, ରଜନୀକାନ୍ତ ମହାନ୍ତ, ଚାଇଲ୍ଡଲାଇନ୍‌ର ଉପେନ୍ଦ୍ର ଭଞ୍ଜ, ରମାକାନ୍ତ ସାହୁ, ସାଲିମ୍ ତିର୍କି, ସନ୍ତୋଷ ମୁଦୁଲି, ରୀତାରାଣୀ ରାଉତ ପ୍ରମୁଖ ସହଯୋଗ କରିଥିଲେ ।

# ଫୁଟବଲ ଖେଳ ଉପକରଣ ପ୍ରଦାନ

**ସମ୍ବଲପୁର, ୨୧।୧୨ (ବ୍ୟୁରୋ)**

ସାନସିଂହାରୀ ଆଶ୍ରମ ଓ କାଇଁଶିର ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲର ଫୁଟବଲ ଖେଳାଳିମାନଙ୍କୁ ମେହେର ଆସୋସିଏସନ ପକ୍ଷରୁ ଜୋତା, ମୋଜା ସମେତ ଫୁଟବଲ ପ୍ରଦାନ କରାଯାଇଛି। ସଂଘ ସଭାପତି ଶ୍ରୀକୃଷ୍ଣ ପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉପସଭାପତି ରାଜୀବ ବିଶ୍ୱାସ, ସାଧାରଣ ସମ୍ପାଦକ ବିରଜା ଶଙ୍କର ହୋତା, ପୂର୍ବତନ ସଭାପତି ଯଜ୍ଞେନ୍ଦ୍ର ନାରାୟଣ ମିଶ୍ର ଓ କାର୍ଯ୍ୟକାରୀ କମିଟି ସଦସ୍ୟ ମନୋଜ ଭୋଇ ପ୍ରମୁଖ ଯୋଗ ଦେଇଥିଲେ । ଉଭୟ ସ୍କୁଲର ଫୁଟବଲ ଟିମ୍ ନିରବଚ୍ଛିନ୍ନ ଭାବେ ପ୍ରତିବର୍ଷ ସ୍କୁଲସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଆସୁଛନ୍ତି । ହେଲେ ସ୍କୁଲର ଖେଳାଳିମାନେ ଫୁଟବଲ ଖେଳିବାକୁ ଉଦ୍ଦିଷ୍ଟ ଜୋତା କିଣିବା ପାଇଁ ସକ୍ଷମ ନୁହନ୍ତି । ଗୋଟିଏ ପଟେ ଅଭାବ ଓ ଅନ୍ୟ ଦିଗରେ ଭବିଷ୍ୟତ ପାଇଁ ସମ୍ଭାବନାକୁ ଆଖି ଆଗରେ ରଖି ମେହେର ଆସୋସିଏସନ ଏଭଳି ଏକ ପଦକ୍ଷେପ ଗ୍ରହଣ କରିଛି ବୋଲି କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଛନ୍ତି।



ସମ୍ବଲପୁର ମେହେର ଆସୋସିଏସନ୍ ପକ୍ଷରୁ ଛାତ୍ରମାନଙ୍କୁ ଫୁଟବଲ ଖେଳ ସାମଗ୍ରୀ ପ୍ରଦାନ କରାଯାଉଛି ।

# ଆଦିତ୍ୟ ଆଲୁମିନିୟମର କୃଷକ ସମାବେଶ

**ସମ୍ବଲପୁର, ୨୧।୧୨ (ବ୍ୟୁରୋ)**

ଲପଙ୍ଗା ଢ଼ୋରପାଣି ଖେଳ ପଡିଆରେ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଶାଳ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ବ୍ଲକ ଅନ୍ତର୍ଗତ ୫ଟି ପଞ୍ଚାୟତରୁ ୨୬୦ଜଣ କୃଷକ ଏଥିରେ ଅଂଶଗ୍ରହଣ କରିଥିଲେ। କମ୍ପାନୀର ଉପସଭାପତି ତଥା ମାନବସମ୍ବଳ ମୁଖ୍ୟ ଡ. ବିବେକାନନ୍ଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ ଯେ, ସମାଜ ଗଠନରେ କୃଷକମାନଙ୍କ ଭୂମିକା ରହିଛି। ଅନ୍ୟପକ୍ଷେ କୃଷକଙ୍କ ଲାଗି ସରକାରଙ୍କ ପ୍ରକଳ୍ପ ଓ ଯୋଜନା ବିଷୟରେ ସେ ସୂଚନା ଦେଇ ଜୈବିକ ଚାଷ, ଫୁଲ ଚାଷ ବିଷୟରେ ଆଲୋକପାତ କରିଥିଲେ। ଶ୍ୱେତା ଉପାଧ୍ୟାୟ ଓ ମନୋରଞ୍ଜନ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଜିଲା କୃଷି ସହ ନିର୍ଦ୍ଦେଶକ ଦୁଃଶାସନ ପ୍ରହରାଜ, ଜିଲା ଉଦ୍ୟାନ ସହ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ମହାପାତ୍ର, ଡା. ଶାଶ୍ୱତୀ ପଟ୍ଟନାୟକ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ, ଶଙ୍କର ପ୍ରସାଦ ସାହୁ ଓ ସତ୍ୟନାରାୟଣ ଅଗ୍ରୱାଲ ପ୍ରମୁଖ ବକ୍ତାଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଚାଷୀଙ୍କୁ କୃଷି ଉପକରଣ ବଣ୍ଟନ କରାଯାଇଥିଲା ।




ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଆୟୋଜିତ କୃଷି ସମାବେଶରେ ଅଧିକାରୀମାନେ ଜଣେ ଚାଷୀଙ୍କୁ କୃଷି ସାମଗ୍ରୀ ବଣ୍ଟନ କରୁଛନ୍ତି ।

# ରିଲେ ରେସ୍‌ରେ ଗୋପଳ ପରେଖଙ୍କୁ ସ୍ୱର୍ଣ୍ଣ ପଦକ

**ସମ୍ବଲପୁର, ୨୧।୧୨ (ବ୍ୟୁରୋ)**



ସମ୍ବଲପୁର ରକ୍ମିଣୀ ଲାଠ ବାଳ ନିକେତନ ଅନ୍ତେବାସୀ ଗୋପାଳ ପରେଖ ରିଲେ ରେସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଦିଲ୍ଲୀରେ ଆୟୋଜିତ ହୋସଲା କାର୍ଯ୍ୟକ୍ରମରେ ସେ ୧୪ ବର୍ଷରୁ କମ୍ ବର୍ଗ ପ୍ରତିଯୋଗିତାରେ ଭାଗ ନେଇ ଏହି କୃତିତ୍ୱ ହାସଲ କରିଛନ୍ତି। ପୂର୍ବରୁ ଗୋପାଳ ସମ୍ବଲପୁରରେ ଜିଲାସ୍ତରୀୟ ଓ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ସ୍ଥାନରେ ରହିଥିଲେ।

# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିଷ୍ଠା ଦିବସ

**'ରଙ୍ଗବତୀ' ଗାୟକ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କୁ ସମ୍ବର୍ଦ୍ଧନା**

**ସମ୍ବଲପୁର, ୨୧।୧୨ (ବ୍ୟୁରୋ)**

ସମ୍ବଲପୁରରେ ଥିବା ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୦୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କ୍ଷେତ୍ରୀୟ ପ୍ରବନ୍ଧକ ରଞ୍ଜିତ କୁମାର ମହାନ୍ତି, ଭିମ୍‌ସାରର ଡା. ପ୍ରଜିତ ଶାଶ୍ୱତ ହୋତା, ଲେଡି ଲୁଇସ ଗର୍ଲ୍ସ ହାଇସ୍କୁଲ ପ୍ରଧାନଶିକ୍ଷକ ଉଜାଗର ପ୍ରଧାନ ବକ୍ତା ଭାବେ ଯୋଗଦେଇ ମହିଳାମାନଙ୍କ ସ୍ୱାସ୍ଥ୍ୟ ସଚେତନତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିରେ ଲେଡି ଲୁଇସ ଗର୍ଲ୍ସ ହାଇସ୍କୁଲର ଛାତ୍ରୀ ଓ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ । ଏହି ଅବସରରେ ରଙ୍ଗବତୀ ଗାୟକ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କୁ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ସମ୍ବର୍ଦ୍ଧିତ କରିଥିଲେ । ସୂଚନାଯୋଗ୍ୟ ଯେ, ଦେଶର ବିଭିନ୍ନ ରାଜ୍ୟ ସମେତ କେନ୍ଦ୍ର ଶାସିତ ଅଞ୍ଚଳରେ ବ୍ୟାଙ୍କର ୪ହଜାର ୬ଶହରୁ ଊର୍ଦ୍ଧ୍ୱ ଶାଖା ଓ ବ୍ୟବସାୟିକ ଅଫିସରେ ବିବିଧ କାର୍ଯ୍ୟକ୍ରମ କରାଯାଉଛି ବୋଲି ବ୍ୟାଙ୍କ ପକ୍ଷରୁ ଉତ୍ସବରେ ସୂଚୀତ କରାଯାଇଛି।




ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ ।

# ବ୍ରାଇଟ୍ ଫ୍ୟୁଚର୍ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା

**ସମ୍ବଲପୁର, ୨୧।୧୨ (ବ୍ୟୁରୋ)**

ବ୍ରାଇଟ୍ ଫ୍ୟୁଚର୍ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ନକ୍ସାପାଲି କ୍ୟାମ୍ପସରେ ଉଦ୍‌ଯାପିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ଡା. ବସନ୍ତ କୁମାର ବିଶୋଇଙ୍କ ପରିଚାଳନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲା କ୍ରୀଡା ଅଧିକାରୀ ଉପେନ୍ଦ୍ର ଶତପଥୀ ମୁଖ୍ୟଅତିଥି, ସ୍କୁଲ ପରିଚାଳନା କମିଟି ସଭାପତି ଜଗଦୀଶଚନ୍ଦ୍ର ତ୍ରିପାଠୀ, ରବୀନ୍ଦ୍ର ଶତପଥୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ବେଲୁନ୍, ଅଖା, ଗଣିତ ଦୌଡ, ୫୦ ମିଟର ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ଡିସ୍କସ୍ ଥ୍ରୋ ଆଦି ଇଭେଣ୍ଟ ହୋଇଥିଲା । ଅଭିଭାବକଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ହୋଇଥିଲା । ପ୍ରତିଭା ମଞ୍ଜରୀ ପ୍ରଧାନଙ୍କ ସଂଯୋଜନାରେ ଇଭେଣ୍ଟ ଗୁଡିକ ପରିଚାଳିତ ହୋଇଥିଲା। କାମିନୀ ମିଶ୍ର, ମଧୁସ୍ମିତା ଖମାରୀ, ସୁଦୀପ୍ତା ଦେବତା, ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ନିବେଦିତା ସାହୁ, ପ୍ରିୟଙ୍କା ମାଖାର୍ଜୀ, ମାନସୀ ପ୍ରଧାନ, ରାଜଶ୍ରୀ ଦାଶ, ଅନିତା ବେହେରା, ବର୍ଷାରାଣୀ ବେହେରା, ସବିତା ସେନ, ବବିତା ନାୟକ, ଏମ ପୁରୋହିତ, ସୁନିତା ବେହେରା, ଧରିତ୍ରୀ ବେହେରା, ପ୍ରଦୀପ୍ତ ପୁରୋହିତ, ସଙ୍ଗୀତା ପଣ୍ଡା, ସି.ଏଚ. ରାଓ ଇଭେଣ୍ଟ ଓ ପୁରସ୍କାର ବିତରଣ ପରିଚାଳନାରେ ସହଯୋଗ କରିଥିଲେ ।

## ଫଟୋରେ ଖବର








ଶନିବାର ସମ୍ବଲପୁର ବ୍ରାଇଟ ଫ୍ୟୁଚର୍ ପବ୍ଲିକ ସ୍କୁଲ ବାର୍ଷିକ କ୍ରୀଡା ଉତ୍ସବରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର (ବାମ)। ଛାତ୍ରୀମାନଙ୍କ ମଧ୍ୟରେ ଅଖା ଦୌଡ ଇଭେଣ୍ଟ (ମଝି) ଦୌଡ ଇଭେଣ୍ଟରେ ଭାଗ ନେଇଥିବା ଛାତ୍ରୀଛାତ୍ର ।



ଖାଲି ପେଟରେ ଧର୍ମ ହୁଏ ନାହିଁ। ପ୍ରଭୁ କହୁଥିଲେ, କ୍ଷୁଧାର୍ତ୍ତକୁ ଧର୍ମ କଥା ଶୁଣାଇବା ନିହାତି ପାଗଳାମି। ଆଗେ କ୍ଷୁଧିତ ପାଇଁ ଅନ୍ନର ସଂସ୍ଥାନ କରିବାକୁ ପଡ଼ିବ।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ



### ଭିନ୍ନକ୍ଷମ ଝିଅ'ର ଚିକିତ୍ସା ସାହାଯ୍ ଆଶ୍ରେ ଅଜୟ

ପାଇକମାଲ, ୨୧।୧୨ (ଡି.ଏନ୍.ଏ.)- ବରଗଡ଼ ଜିଲା ପାଇକମାଲ ବ୍ଲକ ମାଣ୍ଡିଆଡ଼ିପା ପଁଚେତ୍ କେନାବୁଦା ଗାଁର ଅଜୟ୍ ସାହୁଙ୍କର ଝି' ସୌଦାମିନୀ ସାହୁ(୮)। ସେ ୧୦୦ ପରତିଶତ ଭିନ୍ନକ୍ଷମ ଆଏ। ମେରୁହାଡ଼ରେ ଅସ୍ୱିଧା ଲାଗି ସେ ମୁଡ଼ ସଲଖେଇ ରଖି ନାଇଁପାରବାର, ସବୁବେଲେ ଖଟେ ପଡ଼ି ରହିଛନ୍। ଡାକ୍ତରମାନକର କହେବାର ହିସାବେ ଉଚ ଚିକିଛା କଲେ ସୌଦାମିନୀ ଭଲ ହେଇଯିବେ। ହେଲେ ଅଜୟ୍ ଝନେ ନିହାତି ଗରିବ୍ ଲୋକ୍ ହେଇଥିଲାବେଲେ ଅଭାବ ଅନାଟନରୁ ଝି'ର ଚିକିଛା କରେଇ ନାଇଁପାରବାର। ଇଆଡ଼େ ଅଜୟ୍ ପାଇକମାଲ ବ୍ଲକରେ ଝି'ର ଭିନ୍ନକ୍ଷମ ଭତାର ଲାଗି ଅନେକ ଥର ଆବେଦନ କରି ନିରାଶ ହେଇଥିବାର କହିଛନ୍। ଜିଲା ପରଶାସନ ଇ ଦୁଖି ପରିବାର ଉପରେ ଦୁରୁଷ୍ଟି ଦେଇ ସୌଦାମିନୀଙ୍କୁ ସରକାରୀ ଚିକିଛା ସାହାଯ୍, ଭିନ୍ନକ୍ଷମ ଭତା ଯୁଗେଇ ଦେବାକେ ଭିନେ ଭିନେ ମହଲରୁ ଦାବି ହେଉଛେ।

### ଶିକ୍ଷକଙ୍କ ସ୍ମୃତିରେ ଶୋକସଭା

ଭଟଲି,୨୧।୧୨ଡି.ଏନ.ଏ.) ଭଟଲି ସୁଲୁସୁଲିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସ୍ୱର୍ଗତ ପ୍ରହଲ୍ଲାଦ ମେହେରଙ୍କ ସ୍ମୃତିରେ ଶନିବାର ଭଟଲି ଦଧିବାମନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଭଟଲି ବ୍ଲକ ଜିଲା ପରିଷଦ ଶିକ୍ଷକ ସଂଘ ସଭାପତି ରମେଶ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ୨୦୦୧ ବ୍ୟାଚ୍‌ରେ ଜିଲା ପରିଷଦ ଶିକ୍ଷକ ସ୍ୱର୍ଗତ ମେହେରଙ୍କ ସ୍ୱଳ୍ପ ବୟସରେ ଦେହାନ୍ତ ଯୋଗୁ ସଂଘ ପକ୍ଷରୁ ଶୋକବ୍ୟକ୍ତ କରାଯାଇଥିଲା। ଏହି ଅବସରରେ ବ୍ଲକର ଜିଲା ପରିଷଦ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ସ୍ୱର୍ଗତ ମେହେରଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ପୂର୍ବକ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ। ଏବିଇଓ ପ୍ରଫୁଲ୍ଲ କୁମାର ନନ୍ଦ ଏବଂ ଅରୁଣ କୁମାର ବେହେରା, ଶିକ୍ଷକ ବିଭୁତି ଭୂଷଣ ଦାଶ, ଉପେନ୍ଦ୍ର ଖମାରୀ, ବୈରାଗୀ ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

### ରାବଣଙ୍କ ସ୍ୱର୍ଗପୁର ଆକ୍ରମଣ ମଞ୍ଚସ୍ଥ

ଅତାବିରା, ୨୧।୧୨ (ଡି.ଏନ.ଏ) ବରଗଡ ଜିଲା ଅତାବିରା ବ୍ଲକ କୁଲିତାଟୁକୁରା ଗ୍ରାମରେ ନବନିର୍ମିତ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଚାଲିଛି । ଏହାର ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରାମଲୀଳା ପରିବେଷିତ ହୋଇଥିଲା। ଲଙ୍କାପତି ରାବଣଙ୍କ ସ୍ୱର୍ଗପୁର ଆକ୍ରମଣ, ଇନ୍ଦ୍ରଙ୍କ ଗାଦିଚ୍ୟୁତ, ମହର୍ଷି ବିଶ୍ୱାମିତ୍ରଙ୍କ ପରାମର୍ଶକ୍ରମେ ଯଜ୍ଞ ରକ୍ଷା ପାଇଁ ରାମ, ଲକ୍ଷ୍ମଣଙ୍କ ଦ୍ୱାରା ତାଡକା ସୁବାହୁ ବଧ, ପାଶାଣି ଅହଲ୍ୟା ଉଦ୍ଧାରଣ, ଜ୍ଞାନୀ କୈବର୍ତ୍ତଙ୍କ ଦ୍ୱାରା ଶ୍ରୀରାମଙ୍କ ପଦଧୌତ ତଥା ଶ୍ରୀରାମ, ଲକ୍ଷ୍ମଣଙ୍କ ମିଥିଳାରେ ପ୍ରବେଶ ଆଦି ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା । ରାବଣ ଭୂମିକାରେ ଭୁବନେଶ୍ୱର ପ୍ରଧାନ କରୁଥିବା ବେଳେ ଶୁକ ଭୂମିକାରେ ରୁକ୍ମଣ ତ୍ରିପାଠୀ, ସାରନ କରନ ରଣା, ନାରଦ ଜଗନ୍ନାଥ ସାହୁ, ଇନ୍ଦ୍ର ସଦାନନ୍ଦ ମାଝୀ, ଅହଲ୍ୟା ସୁମିତ୍ରା ଦାଶ, କୈବର୍ତ୍ତ ଅକ୍ଷୟ ପ୍ରଧାନ, ଶ୍ରୀରାମ ମନୋଜ ସାହୁ, ଲକ୍ଷ୍ମଣ ଆଶିଷ, ବିଶ୍ୱାମିତ୍ର ପବିତ୍ର ମାଝୀ ପ୍ରମୁଖ ଅଭିନୟ କରୁଛନ୍ତି। ଏହି ଅବସରରେ ସରପଞ୍ଚ ପ୍ରତିନିଧି ଅକ୍ଷୟ କୁମାର ପତି, ଟୁକୁ ପାଢ଼ୀ, ଡ. ଅରୁଣ କୁମାର ଶର୍ମା, ସୁରଜ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

■ ନୂତନ ଟୋକନ ବ୍ୟବସ୍ଥାରେ ହନ୍ତସନ୍ତ ଚାଷୀ

# ମଣ୍ଡିରେ ତାଲା ପକାଇ ଧାରଣା

ବରଗଡ଼ ଅଫିସ୍,୨୧।୧୨

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ୫ ସପ୍ତାହ ବିତିଯାଇଛି। ତଥାପି ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ସ୍ୱାଭାବିକ ହୋଇପାରିନାହିଁ। ରାଜ୍ୟ ସରକାରଙ୍କ ନୂତନ ଟୋକନ ବ୍ୟବସ୍ଥାକୁ ନେଇ ଏବେ ମଧ୍ୟ ଚାଷୀମାନେ ସମସ୍ୟାରେ ଛନ୍ଦି ହୋଇ ପଡ଼ିଛନ୍ତି। ଧାନ ଅମଳ ସାରି ମଣ୍ଡିକୁ ଆଣିଥିଲେ ସୁଦ୍ଧା ସେମାନଙ୍କୁ ଏପର୍ଯ୍ୟନ୍ତ ଟୋକନ ମିଳିପାରି ନ ଥିବା ଯୋଗୁ ଜିଲାର ଅନେକ ଚାଷୀ ଧାନ ବିକ୍ରି କରି ପାରି ନାହାନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ଶନିବାର ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅନ୍ତର୍ଗତ କଳାପାଣି ମଣ୍ଡି ଅଧୀନରେ ରହିଥିବା ବିଭିନ୍ନ ଗ୍ରାମର ଚାଷୀମାନେ କଳାପାଣି ମଣ୍ଡିର ମୁଖ୍ୟ ଫାଟକରେ ତାଲା ପକାଇବା ସହିତ ଧାରଣା ଦେଇଥିଲେ। ଫଳରେ ଉକ୍ତ ମଣ୍ଡିରେ ଶନିବାର ଧାନ କିଣାବିକା ବନ୍ଦ ହୋଇ ପଡ଼ିଥିଲା। ପରେ ବରଗଡ଼ ଆରଏମସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ ସେଠାକୁ ପହଞ୍ଚି ସେମାନଙ୍କ ଧାନ କିଣାବିକା ଦିଗରେ ପଦକ୍ଷେପ



କଳାପାଣି ମଣ୍ଡିରେ ତାଲା ପକାଇ ଚାଷୀମାନେ ଧାରଣାରେ ବସିଛନ୍ତି ।

ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ ଧାରଣାରୁ ଓହରିଥିଲେ।

ସୂଚନା ଅନୁଯାୟୀ, ନଭେମ୍ବର ୧୫ତାରିଖରୁ ବରଗଡ଼ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଟୋକନ ବ୍ୟବସ୍ଥାକୁ ବିରୋଧ କରି ଚାଷୀମାନେ ପ୍ରଥମେ ଆନ୍ଦୋଳନକୁ ଓହ୍ଲାଇବା ପରେ ଜିଲାର ଧାନ କିଣାବିକାରେ ଅଚଳାବସ୍ଥା ଦେଖାଯାଇଥିଲା। ସ୍ଥାନୀୟ ଜନ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ପରେ ଜିଲା ଏହି ସମସ୍ୟା ଆପାତତଃ ସମାଧାନ ହୋଇଥିଲା। କିନ୍ତୁ ପ୍ରଥମଥର ପାଇଁ ଲାଗୁ ହୋଇଥିବା ଟୋକନ ବ୍ୟବସ୍ଥା ଯୋଗୁ ଚାଷୀଙ୍କ ସମସ୍ୟା ଏପର୍ଯ୍ୟନ୍ତ ଦୂର ହୋଇପାରିନାହିଁ।

ଟୋକନ ବ୍ୟବସ୍ଥାରେ ରହିଥିବା ନୀତି, ନିୟମ ଯୋଗୁ ଅନେକ ଚାଷୀ ଧାନବିକି ସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମାନଙ୍କ ବିକ୍ରିଧାନର ପ୍ରାପ୍ୟରାଶି ପାଇ ପାରି ନ ଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ମାସାଧିକ ପୂର୍ବରୁ ଧାନ ଅମଳ କରିସାରି ଥିଲେ ସୁଦ୍ଧା ବହୁଚାଷୀ ସେମାନଙ୍କ ଉତ୍ପାଦିତ ଧାନ ବିକ୍ରି କରି ପାରି ନ ଥିବା ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ ନେଇ କଳାପାଣି ମଣ୍ଡି ଅଧୀନ କଳାପାଣି, ବୁଦେଲପାଲି, ଆମସଢ଼ା, ବୁଦେଲପାଲି, ବରାହଗୋଡ଼ା ଗ୍ରାମର ଚାଷୀମାନେ ମଣ୍ଡିରେ ତାଲା ପକାଇ ଧାରଣାରେ ବସିଥିଲେ ।

ଧାରଣାରତ ଚାଷୀମାନେ ସେମାନଙ୍କୁ ଏପର୍ଯ୍ୟନ୍ତ ଟୋକନ ମିଳି ନ ଥିବା ଅଭିଯୋଗ କରିଥିଲେ । ଏପରିକି ସେଥିପାଇଁ ଧାନ ବିକ୍ରି କରି ପାରି ନ ଥିବା ଯୋଗୁ ଧାନ ଅମଳରେ ନିୟୋଜିତ ଶ୍ରମିକଙ୍କୁ ପାରିଶ୍ରମିକ ଦିଆଯାଇନାହିଁ କି ପରବର୍ତ୍ତୀ ଫସଲ ପାଇଁ ପ୍ରସ୍ତୁତ ହୋଇ ପାରିନାହାନ୍ତି। ସେହିପରି ବେର୍ଣ୍ଣା ଭଳି ନାନାଦି କିସମର ଜମିରେ ଚାଷ କରି ସେମାନେ ଧାନ ଅମଳ କରିଛନ୍ତି । କିନ୍ତୁ ଧାନ ସଂଗ୍ରହ ପ୍ରକ୍ରିୟାରେ ହୋଇଥିବା କାଗଜାତ୍‌ରେ ସେହି କିସମର ଜମିକୁ ଉଲ୍ଲେଖ କରାଯାଇ ନ ଥିବାରୁ ସେମାନେ ଧାନ ବିକ୍ରି କରି ପାରୁ ନ ଥିବା ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ ନେଇ ରୁକ୍ମଣ ମେହେର, ଅମୂଲ୍ୟ ସୂର୍ଯ୍ୟକୁମାରୀ, ଦୁର୍ବାଦଳ ରଣା, ସୁକୋମଳ ଦାଶ, ମହାଦେବ ମହାପାତ୍ର, ସୁଶୀଲ ପ୍ରଧାନଙ୍କ ନେତୃତ୍ୱରେ ଅଞ୍ଚଳର ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ ।

# ରାସ୍ତା ନିର୍ମାଣ ଦାବିରେ ଧାରଣା

ବରଗଡ଼ ଅଫିସ୍,୨୧।୧୨

ପୋଲ ନିର୍ମାଣ ହେଲା, କିନ୍ତୁ ରାସ୍ତା ତିଆରି ହେଲା ନାହିଁ । ଫଳରେ ବିଜୁ ସେତୁ ଯୋଜନାରେ ଜିରା ନଦୀ ଉପରେ ୮କୋଟି ୯୬ଲକ୍ଷ ୧୬ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଥିବା ପୋଲର କୌଣସି ସୁଫଳ ମିଳିପାରୁ ନାହିଁ। ଏଭଳି ଅଭିଯୋଗ ନେଇ ଶନିବାର ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ତଥା ଆଖପାଖ ଅଞ୍ଚଳର ଚାଷୀମାନେ ଜିଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣାରେ ବସିଥିଲେ । ରୋହିଣିଆଁ ଗ୍ରାମରୁ ଖୁଣ୍ଟପାଲି ଗ୍ରାମକୁ ସିଧାସଳଖ ରାସ୍ତା ନିର୍ମାଣ ଦାବିରେ ସେମାନେ ଏହି ଆନ୍ଦୋଳନ କରିଥିଲେ । ପରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ ଏବଂ ବିଭାଗୀୟ ଯନ୍ତ୍ରୀମାନେ ଆନ୍ଦୋଳନସ୍ଥଳକୁ ପହଞ୍ଚି ଆନ୍ଦୋଳନରତ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଖୁଣ୍ଟପାଲି ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ଦାବି ଉପରେ ଆଲୋଚନା କରିବେ ବୋଲି କହିଥିଲେ । ଏହା ସହିତ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ସେ ନେଇ ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ପରେ ଚାଷୀମାନେ ଧାରଣା, ବିକ୍ଷୋଭରୁ ଓହରିଥିଲେ ।

ସୂଚନା ଅନୁଯାୟୀ, ରୋହିଣିଆଁରୁ ଖୁଣ୍ଟପାଲିକୁ ସଂଯୋଗ କରିବା ପାଇଁ ଜୀରା ନଦୀ ଉପରେ ଏକ ସେତୁ ନିର୍ମାଣ ସରିଛି । ଗତ ଦୁଇବର୍ଷ ତଳୁ ଏହି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ମାତ୍ର ରୋହିଣିଆଁରୁ ଖୁଣ୍ଟପାଲିକୁ ରାସ୍ତା ନିର୍ମାଣ କରାଯାଇ ନାହିଁ । ଅପରପକ୍ଷେ ଡୁଙ୍ଗୁରିଟିକ୍ରା ଦେଇ ରାସ୍ତା କାମ ଚାଲିଛି। ଗ୍ରାମବାସୀ ଏହାକୁ ବିରୋଧ କରି ରୋହିଣିଆଁରୁ ଖୁଣ୍ଟପାଲିକୁ ପ୍ରଥମେ ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି। ଏ ନେଇ ବାରମ୍ବାର ଦାବି ସତ୍ତ୍ୱେ ତାହା ହୋଇ ନ ଥିବା ଯୋଗୁ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇଥିଲେ । ଏହି ରାସ୍ତା ହେଲେ ରୋହିଣିଆଁରୁ ଖୁଣ୍ଟପାଲି, ବାଦପାଲି, ଡୁରୁଙ୍ଗା, ଡୁମଗାଁ, କୁମ୍ଭାରୀ, ବେହେରା, କୁସନପୁରୀ ଆଦି ଗ୍ରାମକୁ ଯାତାୟାତ ସୁବିଧା ହୋଇପାରିବ ବୋଲି ଗ୍ରାମବାସୀ କହିଛନ୍ତି ।



ରାସ୍ତା ନିର୍ମାଣ ଦାବିରେ ଜିଲାପାଳ ଅଫିସ ଆଗରେ ଗ୍ରାମବାସୀ ଧାରଣା ଦେଇଛନ୍ତି ।

### ଅଭିଯୋଗକାରୀ ନିଜେ ଲୁଟ ଅଭିଯୁକ୍ତ

ଅତାବିରା, ୨୧।୧୨। (ଡି.ଏନ.ଏ)



ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ ବରାହମୁଣ୍ଡା ଛକ ନିକଟରେ ଏକ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀଙ୍କଠାରୁ ଲୁଟ୍ ଘଟଣାର ପର୍ଦ୍ଦାଫାଶ ହୋଇଛି । ଏହି ଘଟଣାର ଅଭିଯୋଗକାରୀ ତଥା ଉକ୍ତ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀ ବୌଦ୍ଧ ଜିଲା ବାଉଁଶୁଣୀର ସୁବ୍ରତ କୁମାର ରାଜହଂସଙ୍କୁ ଗିରଫ କରିଛି । ତାଙ୍କ ପାଖରୁ ନଗଦ ୮୨ହଜାର, ଏକ ବାଇକ, ମୋବାଇଲ ଏବଂ ବିଭିନ୍ନ କାଗଜାତ ଜବତ ହୋଇଛି ।

ଶନିବାର ଅତାବିରା ଥାନା ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ବରଗଡ଼ ଏସଡ଼ିପିଓ ସୁଧାକର ସାହୁ କହିଥିଲେ, ଗତ ୬ତାରିଖରେ ରାଜହଂସ ଫେରିବା ବାଟରେ ତାଙ୍କ ପାଖରୁ ୧ଲକ୍ଷ ୭ହଜାର ୭୦୦ ଟଙ୍କା ଲୁଟ୍ ହୋଇଥିବା ନେଇ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି କରି ଅତାବିରା ଥାନାରେ ଏକ ମାମଲା(ନଂ.୨୫୭/୧୯) ରୁଜୁ ହୋଇଥିଲା। ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇଙ୍କ ତତ୍ତ୍ୱାବଧାନରେ ଏହାର ତଦନ୍ତ ଚାଲିଥିଲା ଏବଂ ଖୋଦ୍ ଅଭିଯୋଗକାରୀ ତଥା ସମ୍ପୃକ୍ତ ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀ ରାଜହଂସ ସେହି ଲୁଟ୍ କରି ମିଛ ଅଭିଯୋଗ କରିଥିବା ଜଣାପଡ଼ିଥିଲା। ଫଳରେ ତାଙ୍କୁ ଗିରଫ କରାଯାଇଥିବା ଏସଡ଼ିପିଓ ସାହୁ ସୂଚନା ଦେଇଥିଲେ । ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

■ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିବସ

# ଫାଇନାଲରେ ବରଗଡ଼, ରେଙ୍ଗାଲି ଟିମ୍

ପଦ୍ମପୁର, ୨୧।୧୨ (ଡି.ଏନ.ଏ)

ପଦ୍ମପୁର ବୋଡାସମ୍ବର ହାଇସ୍କୁଲ ପଡିଆରେ ଚାଲିଥିବା ପଞ୍ଚମ ରାଜେଶ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିବସର ପ୍ରଥମ ସେମିଫାଇନାଲ ମ୍ୟାଚ ବୋଡାସମ୍ବର ସହିତ ବରଗଡ ୟୁନାଇଟେଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବରଗଡ ଦଳ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଛି। ଦ୍ୱିତୀୟ ମ୍ୟାଚ ବଲାଙ୍ଗୀର ନକଟାସର ଓ ରେଙ୍ଗାଲି ମଧ୍ୟରେ ଅନୁଷ୍ଠିତ ହୋଇ ରେଙ୍ଗାଲି ଫାଇନାଲକୁ ଉନ୍ନୀତ ହୋଇଛି । ରବିବାର ଫାଇନାଲ ମ୍ୟାଚ୍ ଖେଳାଯିବ । ଖେଳର ଉଦଘାଟନୀ ଉତ୍ସବରେ ରାଜେନ୍ଦ୍ର କିଶାନ, ପିଡବ୍ଲୁଡି ସହକାରୀ ଯନ୍ତ୍ରୀ ନନ୍ଦକିଶୋର ଧରୁଆ, ନବୀନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଦୁଃଶାସନ ବୁଡେକ, ସଚ୍ଚି ବହିଦାର, ବାସୁଦେବ ଦାଶ, ନବୀନ ସାହୁ, ଚନ୍ଦୁ ସାହୁ, ସମାଜସେବୀ ନିରୋଜ ଦୋରା, ନୀଳ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଥିଲେ । ଆଜିର ଖେଳ ପରିଚାଳନାରେ ପଞ୍ଚାନନ ପାତ୍ର, ସୁଜିତ ରାଜହଂସ, ଝୁଲୁ ବହିଦାର, ସୁଧାଂଶୁ ସେଠ, ଦୀପକ ରାଜହଂସ, ଚିତ୍ତରଞ୍ଜନ ପାଣ୍ଡେ ଓ ମ୍ୟାଚ କମିଶନର ଚନ୍ଦ୍ରମଣୀ ସାହୁ ପ୍ରମୁଖ ସହଯୋଗ କରିଥିଲେ । କୁନାଲ ସିଂ ବରିହା, ଅଶୋକା କାଲସାଏ, ନରେଶ ବାରିକ, ପ୍ରଦୀପ୍ତ ପଣ୍ଡା, ପ୍ରଦୀପ ଜାଲ, ରାଜୁ ଦାନୀ, ନରୋତ୍ତମ ପ୍ରଧାନ ଖେଳ ପରିଚାଳନା କରିଥିଲେ ।

# ପଦବୀରୁ ହଟିଲେ ଶାରୀରିକ ଶିକ୍ଷା ନିରୀକ୍ଷକ

ବରଗଡ଼ ଅଫିସ୍,୨୧।୧୨

ବରଗଡ଼ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ (ଆଇପିଇ) ତ୍ରୈଲୋକ୍ୟ ନାୟକଙ୍କୁ ତାଙ୍କ ପଦବୀରୁ ହଟାଇ ଦିଆଯାଇଛି । ଅନ୍ୟପଟେ ସମଲେଶ୍ୱରୀ ହାଇସ୍କୁଲ, ଅମ୍ବାପାଲିର ଶାରୀରିକ ଶିକ୍ଷା ଶିକ୍ଷକ ଭାଗିରଥି ମହାରଣାଙ୍କୁ ଏହି ପଦବୀରେ ଅବସ୍ଥାପିତ କରାଯାଇଛି । ବରଗଡ଼ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ପତ୍ରସଂଖ୍ୟା:-୧୮୩୩୭ ତା:- ୨୦/୧୨/୨୦୧୯ରେ ଏହା ଉଲ୍ଲେଖ ରହିଛି । ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଏହି ନିଯୁକ୍ତି ଦିଆଯାଇଥିବା ସେଥିରେ ଦର୍ଶାଯାଇଛି। ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଶନିବାର ନୂତନ ଶାରୀରିକ ଶିକ୍ଷା ନିରୀକ୍ଷକ ଭାବେ ମହାରଣା କାର୍ଯ୍ୟରେ ଯୋଗଦାନ କରିଛନ୍ତି ।

ସୂଚନା ଅନୁଯାୟୀ, ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ତାଙ୍କ ପତ୍ରସଂଖ୍ୟା:- ୪୬୮୭୮ ତା:-୩/୧୨/୨୦୧୯ରେ ରାଜ୍ୟର ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରିଥିଲେ । ବରିଷ୍ଠତା ଭିତ୍ତିରେ ଜିଲାର ଶାରୀରିକ ଶିକ୍ଷା ନିରୀକ୍ଷକ ପଦବୀ ପୂରଣ କରିବାକୁ ସେ ସେହି ଚିଠିରେ ଜିଲା ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି କ୍ରମରେ ଆଇପିଇ ନାୟକଙ୍କ ସେହି ଯୋଗ୍ୟତା ନ ଥିଲା । ଫଳରେ ତାଙ୍କୁ ସେହି ପଦବୀ ହରାଇବାକୁ ପଡ଼ିଛି। ଅପରପକ୍ଷେ ନାୟକଙ୍କୁ ତାଙ୍କ ପୂର୍ବସ୍ଥାନ ଅର୍ଥାତ ଦଧିବାମନ ହାଇସ୍କୁଲ, କୁମେଲସିଂହା ହାଇସ୍କୁଲକୁ ସେଠାକାର ପିଇଟି ଭାବେ ଅବସ୍ଥାପିତ କରାଯାଇଥିବା ଜିଲା ଶିକ୍ଷା ଅଧିକାରୀଙ୍କ ଚିଠିରେ ଉଲ୍ଲେଖ ରହିଛି ।

# ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ

ପାଇକମାଲ,୨୧।୧୨(ଡି.ଏନ.ଏ)

ପାଇକମାଲ ବ୍ଲକ ଅଧୀନ ଜର୍ଜଗଡ, ଲାଉଡମାଲ, ଲେରଗାଁ, ହରିଡାଟାଲ ଗ୍ରାମରେ ମ୍ୟାଲେରିଆ ନିରାକରଣ ଦମନ କାର୍ଯ୍ୟକ୍ରମ-୨ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନାରାୟଣ ପ୍ରସାଦ ଉଦ୍‌ଘାଟନ କରିଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ତୁଷକୁମାର ଚନ୍ଦ୍ରକାର, ବିପିଏମ ବିଜୟ ସରାପ, ମହିଳା ପରିଦର୍ଶିକା ଜାହ୍ନବୀ କିଶାନ, ସାନୁଜ କୁମାର ଦାସ, ସ୍ୱାସ୍ଥ୍ୟକର୍ମୀ ସୁବାସ ଦେହୁରୀ , ମୋନାଲିସା ସାହୁ, ଆଶା ଓ ଅଙ୍ଗନୱାଡି କର୍ମୀମାନେ ଯୋଗଦେଇ ମୋଟ ୧୦୬ ଜଣଙ୍କ ରକ୍ତ ପରୀକ୍ଷା କରିଥିଲେ । ସେଥିରୁ ୨ ଜଣଙ୍କ ମ୍ୟାଲେରିଆ ପଜିଟିଭ ଚିହ୍ନଟ କରାଯାଇଥିଲା। ୪ ଗର୍ଭବତୀ ଓ ୧୬ ଶିଶୁଙ୍କୁ ମଧ୍ୟ ପରୀକ୍ଷା କରାଯାଇଥିଲା। ଗ୍ରାମମାନଙ୍କରେ ଡିଡିଟି ସିଞ୍ଚନ, ଔଷଧରେ ମଶାରୀ ବୁଡାଇବା ଓ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଡାକ୍ତର ପ୍ରସାଦ ସୂଚନା ଦେଇଛନ୍ତି ।

# ବ୍ଲକସ୍ତରୀୟ ସଂସ୍କୃତ ସମାବେଶ

ପାଇକମାଲ,୨୧।୧୨(ଡି.ଏନ.ଏ)

ପାଇକମାଲ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସଂସ୍କୃତ ଶିକ୍ଷକ ମାନଙ୍କର ଏକ ବୈଠକ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂସ୍କୃତ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଜିଲାସ୍ତରୀୟ କାର୍ଯ୍ୟକ୍ରମ ଗୁଡିକରେ ସମସ୍ତ ବର୍ଗର ସଂସ୍କୃତ ଶିକ୍ଷକ ଯୋଗଦାନ କରିବା ପାଇଁ ଆଲୋଚନା ହୋଇଥିଲା। ପ୍ରତିବର୍ଷ ବ୍ଲକ ଓ ଜିଲାସ୍ତରରେ ସଂସ୍କୃତ ଦିବସ ପାଳନ ପାଇଁ ଆଲୋଚନା ହୋଇଥିଲା। ଏହି ଅବସରରେ ବ୍ଲକସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇ ସଭାପତି କିଶୋର ଚନ୍ଦ୍ର ସାହୁ, ଉପସଭାପତି ଅନୀତା ପାଣିଗ୍ରାହୀ, ସମ୍ପାଦକ ରମାଇ ଚରଣ ଦାସ, ସହ ସମ୍ପାଦକ କୃଷ୍ଣ ବାଗ, କୋଷାଧ୍ୟକ୍ଷ ଅଶ୍ୱିନୀ କୁମାର ସାହୁ, ସଂଯୋଜକ ଭାବେ ଲିଙ୍ଗରାଜ ସାହୁଙ୍କୁ ମନୋନିତ କରାଯାଇଥିଲା। ଉପଦେଷ୍ଟା ଭାବେ ବିଶ୍ୱନାଥ ସାହୁ, ନଗେନ୍ଦ୍ର ପାଣିଗ୍ରାହୀ, ଲମ୍ବୋଧର ସତପଥୀଙ୍କୁ ଚୟନ କରାଗଲା। ଶେଷରେ ସନ୍ତୋଷ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ସିକିର୍ଡି ସ୍କୁଲର ପ୍ଲାଟିନମ୍ ଜୁବିଲି ଉଦ୍‌ଘାଟିତ

ବରପାଲି, ୨୧।୧୨ (ଡି.ଏନ.ଏ)

ବରପାଲି ବ୍ଲକ ସିକିର୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ୨ ଦିନିଆ ପ୍ଲାଟିନମ୍ ଜୁବୁଲି ସମାରୋହ ଶନିବାର ସକାଳେ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଛାତ୍ରମାନେ ବରପାଲି ସମଲେଶ୍ୱରୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ମଶାଲ ଆଣି ଉତ୍ସବସ୍ଥଳରେ ପହଞ୍ଚିଥିଲେ। ପରେ ବିଜେପୁର ବିଧାୟିକା ରୀତା ସାହୁଙ୍କ ଦ୍ୱାରା ସମାରୋହ ଉଦ୍‌ଘାଟିତ ହୋଇଥିଲା। ଏହାର ପ୍ରଥମ ଅଧିବେଶନରେ ଗୁରୁପୂଜନ ଉତ୍ସବ ହୋଇ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ




ଜୁବୁଲି ସମାରୋହ ସାଧାରଣ ସଭାରେ ମଞ୍ଚାସୀନ ଅତିଥି ।

କରାଯାଇଥିଲା। ପରେ ସରକାରୀ ଶିକ୍ଷାନୁଷ୍ଠାନରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଘନଶ୍ୟାମ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନୂଆପଡା କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ମାନଭଞ୍ଜନ ପ୍ରଧାନ ଓ ବରପାଲି ବ୍ଲକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର କୁମାର ମିଶ୍ର ଆଲୋଚକ ଭାବେ ଯୋଗ ଦେଇଥିଲେ । ଏହାକୁ ଶିକ୍ଷକ ପ୍ରଦୀପ କୁମାର ସାହୁ ସଂଯୋଜନା କରିଥିଲେ । ମହୋତ୍ସବର ଦ୍ୱିତୀୟ ଅଧିବେଶନରେ ଏକ ସାଧାରଣ ସଭା ରେଳବାଇ ବିଭାଗ ଷ୍ଟେଶନ ମ୍ୟାନେଜର ସରୋଜ ସେଠଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଉତ୍ସବରେ ବରଗଡ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି ଓ ବରଗଡ ମହିଳା କଲେଜ ଅଧ୍ୟାପିକା ସଙ୍ଘମିତ୍ରା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ କର୍ତ୍ତବ୍ୟ ନିଷ୍ଠା ଓ ଶିକ୍ଷା କ୍ଷେତ୍ରରେ ଭୂମିକା ଉପରେ ଆଲୋକପାତ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

### ୨୪ରେ ଶ୍ରୀ ଚୈତନ୍ୟ ସଂକୀର୍ତ୍ତନ ମହୋତ୍ସବ

ପୁରୁଣାକଟକ,୨୧।୧୨(ଡି.ଏନ.ଏ)

ବୌଦ୍ଧ ଜିଲା ବଡିଗାଁ ପଞ୍ଚାୟତ ଅନ୍ତର୍ଗତ ଗିରାଶିଙ୍ଗା ଗ୍ରାମର ଧବଳେଶ୍ୱର ମନ୍ଦିର ସ୍ଥିତ ସଂଘ କାର୍ଯ୍ୟାଳୟରେ ଆସନ୍ତା ୨୪ ତାରିଖରେ ଶ୍ରୀ ଚୈତନ୍ୟ ସଂକୀର୍ତ୍ତନ ମହାସଂଘର ପ୍ରଥମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହେବ । ଏହି ମହୋତ୍ସବରେ ଜିଲାର ୩ଟି ବ୍ଲକର ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେବେ। ଏହାସହ ଏହି କାର୍ଯ୍ୟକ୍ରମ ୩ ଦିନ ଧରି ଚାଲୁରହିବ । ହଜାର ହଜାର ଭକ୍ତଙ୍କ ଗହଣରେ କଳସ ଯାତ୍ରା ଆରମ୍ଭ ହେବା ସହ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମହାସଂଘ ସଭାପତି କପିଳାସ ମଲ୍ଲିକ କହିଛନ୍ତି ।

ଧରିତ୍ରୀ DHARITRI
ସମ୍ବଲପୁର, ରବିବାର, ୨୨ ଡିସେମ୍ବର ୨୦୧୯



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ବଙ୍ଗୋମୁଣ୍ଡା ପଞ୍ଚାୟତର ସମିତି ବୈଠକ

ବଙ୍ଗୋମୁଣ୍ଡା, ୨୧।୧୨(ଡି.ଏନ୍.ଏ.) ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତିର ବୈଠକ ବ୍ଲକ ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜୁବାଳା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ବ୍ଲକ ଉପାଧ୍ୟକ୍ଷ ମାମରାଜ ଜୈନ, ଏମ୍‌ପି ପ୍ରତିନିଧି କିଶୋର କୁମାର ଜୈନ, ଜିଲା ପରିଷଦ ସଦସ୍ୟ ଉଦ୍ଧବ ବେହେରା, ଛନ୍ଦାରାଣି ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ସରକାରୀ ଯୋଜନା ସଫଳ ରୂପାୟନ ଓ କାର୍ଯ୍ୟକାରୀ ସହ ବିଭିନ୍ନ ଯୋଜନାର ହିତାଧିକାରୀ ଚୟନ ଠିକ୍‌ଭାବେ କରିବାକୁ ସେ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ପଞ୍ଚାୟତିରାଜ, ଜଳ ପରିମଳ, ଖାଦ୍ୟ ସୁରକ୍ଷା, ସାମାଜିକ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ଶିଶୁ ବିକାଶ, କୃଷି, ପ୍ରାଣୀଧନ, ଓଡିଶା ଜୀବିକା ମିଶନ ଅଦି ବିଭାଗ ଉପରେ ଆଲୋଚନା ହେଇଥିଲା। ବିଶେଷ କରି କୃଷି, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପ୍ରକୃତ ହିତାଧିକାରୀଙ୍କ ପାଖକୁ ପହଞ୍ଚି ପାରୁ ନ ଥିବାରୁ ପଞ୍ଚାୟତସ୍ତରରେ ଜନପ୍ରତିନିଧିମାନେ କ୍ଷେତ୍ର ପରିଦର୍ଶନରେ ଯିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ବିଡିଓ ଦୀକ୍ଷିତ ବେହେରା, ତନକିଶୋର ନାଏକ, ଯୋଗାଣ ଅଧିକାରୀ ଅସିତ ମହାନ୍ତି, ବପିଏମ ବିଜୟ ବେହେରା, ସମସ୍ତ ଯନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ।

### ବୀରମହାରାଜପୁର ନୂତନ ଉପଜିଲାପାଳଙ୍କୁ ସମ୍ବର୍ଦ୍ଧନା

ଅମରପାଲି, ୨୧।୧୨ (ଡି.ଏନ୍.ଏ.) ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ଯୋଗଦେଇଥିବା ନୂତନ ଉପଜିଲାପାଳ ଅଶୋକ କୁମାର ଭୋଇଙ୍କୁ ସ୍ଥାନୀୟ ମୈତ୍ରୀ ସଦନଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବୀରମହାରାଜପୁର ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସଦର କାର୍ଯ୍ୟକାରୀ ସଭାପତି ସ୍ୱୟଂମ୍ଭୁନାଥ ଖଣ୍ଡଗିରୀ ଅଧକ୍ଷତା କରିଥିଲେ। ସଭାରେ ଉପଜିଲାପାଳ ଭୋଇଙ୍କ ସମେତ ଏସଡିପିଓ ଧିରୋଜ ଚୌପଦାର, ସଂସଦର ଉପଦେଷ୍ଟା ଡ. ପ୍ରଫୁଲ୍ଲ କୁମାର ରଥ, ସମ୍ପାଦକ ଭୂଷଣ ପାତ୍ର ମଞ୍ଚାସୀନ ଥିଲେ । ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ସଭା ସଂଯୋଜନା କରିଥିବା ବେଳେ ରାମକୃଷ୍ଣ ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅଞ୍ଚଳର ବିଭିନ୍ନ ସଂଗଠନର କର୍ମକର୍ତ୍ତା, ଶିକ୍ଷାବିତ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।





ଟିଟିଲାଗଡ ଉପଖଣ୍ଡସ୍ତରୀୟ ମା' ଘଣ୍ଟାସୁନୀ ଲୋକ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି(ବାମ)। ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

■ ଘଣ୍ଟାସୁନୀ ଲୋକଉତ୍ସବ ଉଦ୍‌ଯାପିତ

# ଏକ ହଜାରରୁ ଉର୍ଦ୍ଧ୍ୱ କଳାକାରଙ୍କ ସମାଗମ

ଟିଟିଲାଗଡ, ୨୧।୧୨ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡସ୍ତରୀୟ ମା' ଘଣ୍ଟାସୁନୀ ଲୋକ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଟିଟିଲାଗଡ ଉପଜିଲାପାଳ ସୁଧାକର ନାୟକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ଉପଖଣ୍ଡ ଅନ୍ତର୍ଗତ ବହୁ ପ୍ରଶାସନିକ ଅଧିକାରୀ, ସାଧାରଣ ଜନତାଙ୍କ ଗହଣରେ ଉତ୍ସବସ୍ଥଳ ସରକାରୀ ବାଳକ ହାଇସ୍କୁଲ ପଡିଆରୁ ଏକ ଶୋଭାଯାତ୍ରାରେ ଘଣ୍ଟାସୁନୀ ମନ୍ଦିରକୁ ଯାଇଥିଲା। ସେଠାରେ ପୂଜାର୍ଚ୍ଚନା ପରେ ଆଖଣ୍ଡ ଦୀପ ନେଇ ଉତ୍ସବସ୍ଥଳକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଉତ୍ସବର ଉଦ୍‌ଘାଟନୀ ସଭାରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ବଙ୍ଗୋମୁଣ୍ଡା ବ୍ଲକ ଅଧକ୍ଷା ରଞ୍ଜୁବାଳା ବେହେରା, ବିଡିଓ ଦିକ୍ଷିତ ବେହେରା, ତହସିଲଦାର ଗୁଣମଣୀ ସୁନାନୀ, ତୁରେକେଲା ବିଡିଓ ପ୍ରଭାତ ସାହୁ, କଣ୍ଟାବାଞ୍ଜି ତହସିଲଦାର ଅଶୋକ ମାଝୀ, ମୁରିବାହାଲ ବିଡିଓ ସିପକ ପାତ୍ର, ତହସିଲଦାର ଅମୃତଲାଲ ବେହେରା, ଜୟ ମା'ପାଟଣେଶ୍ୱରୀ ମହାବିଦ୍ୟାଳୟର ଏମ୍‌ଡି କ୍ଷିରୋଦ ଷଡଙ୍ଗୀ ମଞ୍ଚାସୀନ ଥିଲେ। ଉଦ୍‌ଯାପନୀ ସଭାରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ ଟିଟିଲାଗଡ ଅଞ୍ଚଳର ବିକାଶ ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ଟିଟିଲାଗଡ ଏସ୍‌ଡିପିଓ ସୁରେନ୍ଦ୍ର ନାରାୟଣ ଶତପଥୀ, ନାଗରିକ ମଞ୍ଚ ସଭାପତି ରାଧାକାନ୍ତ ପାଢୀ, ଟିଟିଲାଗଡ ବ୍ଲକ ଅଧକ୍ଷା ରମାକାନ୍ତି ପୁଟେଲ, ବିଡିଓ ମୋତିଲାଲ ସୁଲିଆ, ଭାରପ୍ରାପ୍ତ ତହସିଲଦାର କର୍ଣ୍ଣ ମଲ୍ଲିକ, ସଇଁନ୍ତଲା ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗ, ପୂର୍ବତନ ପୌରାଧକ୍ଷ ଗୋବର୍ଦ୍ଧନ ନାଗ, ନାଟ୍ୟକାର ନିଳମଣୀ ସାହୁ, ଶାନ୍ତନୁ ବେହେରା, ଅଧ୍ୟାପକ ସୁଶାନ୍ତ ପାଢୀ ମଞ୍ଚାସୀନ ଥିଲେ। ଲୋକକଳା ପ୍ରତିଯୋଗିତାରେ ୬୦ଟି ଦଳର ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ କଳାକାରଙ୍କ ସମାଗମ ହୋଇଥିଲା। ବିଚାରକଭାବେ ନାଟ୍ୟକାର ନୀଳମଣି ସାହୁ, କଣ୍ଠଶିଳ୍ପୀ ପଙ୍କଜ ଜାଲ, ରଞ୍ଜନ ପଟ୍ଟନାୟକ, ଗଗନ ବାଗ, ଯୁଗଳ ସାହୁ, ରବିଚନ୍ଦ୍ର ସାଗର, ଶାନ୍ତନୁ ବେହେରା, ପ୍ରଶାନ୍ତ ପଟ୍ଟନାୟକ, ରାଜେଶ ପ୍ରଧାନ, ନିରାକାର ସାହୁ, ପର୍ଶୁରାମ ବାଗ, ପ୍ରଶାନ୍ତ ନାୟକ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ମନ୍ତ୍ରୀ ସାହୁ ସଭିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହା ସହ ଶାଶ୍ୱତ ଯୋଷୀ, ମହିଳା ଏସ୍‌ଏଚ୍‌ଜି ହାଟ ସଭାନେତ୍ରୀ ସନ୍ତୋଷିନୀ ପ୍ରଧାନ, ସମ୍ପାଦିକା ନନ୍ଦିନୀ ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ତର୍ଜାତୀୟସ୍ତରରେ ଖ୍ୟାତିପ୍ରାପ୍ତ ଓଡିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଷୀ ଉତ୍ସବରେ ରସରକେଲି, ମୁଁଇ ସମ୍ବଲପୁରିଆ ବାବୁ ଗୀତରେ ନୃତ୍ୟ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ତାଙ୍କ ଗ୍ରୁପ ମଞ୍ଚରେ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ଚୁଟକୁ ଚୁଟା, ବଜନିଆ, ଟିଟିଲାଗଡ ଡିଏଭି ପବ୍ଲିକ ସ୍କୁଲର ଡାଲଖାଇ, ଏକତାରା କଳାକେନ୍ଦ୍ରର ଢାପ, ସୁରସଙ୍ଗମର ସଙ୍ଗୀତ, ମା ବୀଣାପାଣି ସାଂସ୍କୃତିକ ମହାବିଦ୍ୟାଳୟର ବାରମାସୀ ଦର୍ଶକଙ୍କୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଉଭୟ ପର୍ଯ୍ୟାୟ ସଭାକୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବେହେରା ପରିଚାଳନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବ୍ୟଙ୍ଗକବି ଟିକେଲାଲ ବେହେରା ଏବଂ ଯୁଗଳ ସାହୁ ପରିଚାଳନା କରିଥିଲେ।

## ଆଦର୍ଶ ଗୁହାଳରେ ଢାବା ଚାଲିଥିବା ଅଭିଯୋଗ

ଲୋଇସିଂହା, ୨୧।୧୨(ଡି.ଏନ୍.ଏ.)

ଗୋସମ୍ପଦ ବୃଦ୍ଧି ଉଦ୍ଦେଶ୍ୟରେ ସରକାର ଆଦର୍ଶ ଗୁହାଳ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଗୁହାଳ ପିଛା ୧ଲକ୍ଷ ୧୩ହଜାର ଅନୁଦାନ ଯୋଗାଇ ଦିଆଯାଉଛି। ମୋଟା ଅଙ୍କର ଅନୁଦାନ ଥିବାରୁ କେତେକ ସ୍ଥାନରେ ଅଯୋଗ୍ୟ ହିତାଧିକାରୀ ଯୋଜନାକୁ ହାତେଇ ନେଉଥିବା ଅଭିଯୋଗ ହୋଇଛି। ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଗାଈ ରଖି ନ ଥିବା ଲୋକଙ୍କୁ ଏହି ଗୁହାଳ ମିଳିଛି। ପ୍ରଶାସନ ପକ୍ଷରୁ ଉପଯୁକ୍ତ ହିତାଧିକାରୀଙ୍କୁ ଦିଆଯାଇଥିବା କୁହାଯାଉଥିବା ବେଳେ ଉପରବାହାଲ ପଞ୍ଚାୟତ ଅଞ୍ଚଳରେ ଥିବା ଏକ ଆଦର୍ଶ ଗୁହାଳରେ ଢାବା ଚାଲିଥିବା ଲୋକଙ୍କ ଅଭିଯୋଗକୁ ସତ୍ୟ ପ୍ରାମାଣିତ କରୁଛି। ଗତ କିଛି ମାସହେଲା ଏହି ଢାବା ଚାଲିଥିବା ଅଭିଯୋଗ ହେଉଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ଯୋଗ୍ୟ ହିତାଧିକାରୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ସମ୍ପର୍କରେ ଏବିଡିଓ ବିଜୟ କୁମାର ହୋତାଙ୍କୁ ପଚାରିବାରୁ ଯଦି ଏହା ସତ୍ୟ ହୋଇଥାଏ ତେବେ ତାହା ବେଆଇନ। ଅଭିଯୋଗର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।



ଝୁର୍ଲାକାନୀରେ ଏନଏସଏସ ଶିବିର ଅବସରରେ ଉପସ୍ଥିତ ଅତିଥିବୃନ୍ଦ ।

## ଶୀତକାଳୀନ ଜାତୀୟ ସେବା ଶିବିର ଉଦ୍‌ଘାଟିତ

ଦେଓଗାଁ, ୨୧।୧୨(ଡି.ଏନ୍.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ଝୁର୍ଲାକାନୀରେ ଶନିବାର ସ୍ଥାନୀୟ ଯୁକ୍ତଦୁଇ କଲେଜର ଶୀତକାଳୀନ ଜାତୀୟ ସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଦାୟିତ୍ୱରେ ଥିବା ଅଧ୍ୟାପକ ଦେବଦତ୍ତ ଗୁରୁଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରକୁ ମୁଖ୍ୟ ଅତିଥିଭାବେ ଅଧକ୍ଷ ଉପମନ୍ୟୁ ବାଗ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ଅଧ୍ୟାପକ ପ୍ରସନ୍ନ କୁମାର ସାହୁ, ସମ୍ମାନୀତ ଅତିଥି ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୀବ କର୍ତ୍ତା, ଶିକ୍ଷୟିତ୍ରୀ ତପସ୍ୱିନି ସରାଫ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୨୫ ଜଣ ଶିବିରାର୍ଥୀ ଯୋଗଦେଇଥିଲେ। ୭ ଦିନଧରି ହେବାକୁ ଥିବା ଶିବିର ଅବସରରେ ଗ୍ରାମରେ ସ୍ୱଚ୍ଛ ଭାରତ ଅଭିଯାନ, ନିଶା ନିବାରଣ ଉପରେ ଜନ ସଚେତନତା ସୃଷ୍ଟି କରାଯିବ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ସୁବ୍ରତ ପାତ୍ର, ତନ୍ମୟ ଭୋଇ, ଦିବ୍ୟ ଲୋଚନ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

## ସି.କେ. ନାଇଡୁ ଟ୍ରଫି: ବିହାରର ବ୍ୟାଟିଂ ବିପର୍ଯ୍ୟୟ

ବଲାଙ୍ଗୀର ଅଫିସ, ୨୧।୧୨

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଓଡିଶା ଓ ବିହାର ଦଳ ମଧ୍ୟରେ ଚାଲିଥିବା ୨୩ ବର୍ଷରୁ କମ୍ କର୍ଣ୍ଣେଲ ସି.କେ.ନାଇଡୁ ଟ୍ରଫି କ୍ରିକେଟ୍ ମୁକାବିଲାର ଶନିବାର ଥଇଲା ତୃତୀୟ ଦିବସ। ଏହି ଦିବସରେ ଓଡିଶା ଦଳ ଦ୍ୱିତୀୟ ପାଳି ଆରମ୍ଭ କରି ମୋଟ ୧୮୭ ରନ୍ ସଂଗ୍ରହ କରି ସମସ୍ତ ଉଇକେଟ ହରାଇଥିଲା। ଓଡିଶା ପକ୍ଷରୁ ସୌରଭ ଗୌଡ ୬୪ ରନ୍, ବିନୀତ ମହାନ୍ତି ୩୨ ରନ୍, କାର୍ତ୍ତିକ ବିଶ୍ୱାଲ ୩୯ ଓ ଶୁଭମ ଶତ୍ରୁଜିତ୍ ୩୭ ରନ୍ ସଂଗ୍ରହ କରିଥିଲେ । ବିହାର ପକ୍ଷରୁ ସଫଳ ବୋଲର ଭାବେ ସଚିନ ସିଂ ସର୍ବାଧିକ ୫ଟି ଉଇକେଟ, ସମୀର ଖାନ ୩ଟି, ଅମରଜିତ ରାୟ ଓ ପ୍ରଶାନ୍ତ ସିଂ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ପ୍ରଥମ ଇନିଂସରେ ୧୦୮ ରନ୍‌ରେ ଅଗ୍ରଣୀ ରହିଥିବା ଓଡିଶା ଦଳ ଦ୍ୱିତୀୟ ଇନିଂସରେ ୧୮୭ ରନ୍ ଯୋଡି ବିହାର ଦଳ ସମ୍ମୁଖରେ ସମୁଦାୟ ୨୯୬ ରନ୍‌ର ଟାର୍ଗେଟ ରଖିଥିଲେ। ବିହାର ଦ୍ୱିତୀୟ ଇନିଂସ ଖେଳ ଆରମ୍ଭ କରି ଦିନର ଖେଳ ଶେଷ ସୁଦ୍ଧା ୬ ଉଇକେଟ୍ ହରାଇ ମାତ୍ର ୭୦ ରନ୍ କରିଛି। ଓଡିଶା ପକ୍ଷରୁ ପ୍ରୀତ ସିଂ ଚୌହାନ, ଆୟୁଷ୍ମାନ ସାହୁ ଓ ତରଣୀ ସା ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। କ୍ରୀଡା ସଂସଦର କ୍ରିକେଟ ସମ୍ପାଦକ ଓମପ୍ରକାଶ ଚାନ୍ଦ, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ପ୍ରହ୍ଲାଦ ଶତପଥି ଓ ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ରବିବାର ଗୋଟିଏ ଦିନ ଖେଳ ବାକି ରହିଥିବାରୁ ଏବଂ ଓଡିଶା ପଲା ଭରି ରହିଥିବାରୁ ଖେଳଟି ନିର୍ଣ୍ଣାୟକ ହେବ ବୋଲି ଆଶା କରାଯାଉଛି।

# ସୁନାଦେଇ ଜଙ୍ଗଲକୁ ବେଆଇନ ରାସ୍ତା ନିର୍ମାଣ

ଲୋଇସିଂହା, ୨୧।୧୨(ଡି.ଏନ୍.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଲିଉଡାର ପଞ୍ଚାୟତ ବୁରୋମୁଣ୍ଡା କ୍ରଶରଠାରୁ ସୁନାଦେଇ ଜଙ୍ଗଲ ରାସ୍ତାର ଉନ୍ନତୀକରଣ କରାଯାଇଛି। ଜଙ୍ଗଲକୁ ରାସ୍ତା ବେଆଇନ ଭାବେ ନିର୍ମାଣ ହୋଇଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତା ନିର୍ମାଣ ଦ୍ୱାରା ଜଙ୍ଗଲ ଓ ମାଙ୍ଗାନିଜ ପଥର ଚୋରାଚାଲାଣକାରୀଙ୍କ ପାଇଁ ପଥ ସୁଗମ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ମତେ, ଲୋଇସିଂହା ପଞ୍ଚାୟତ ସମିତି ପକ୍ଷରୁ ୨୦୧୮–୧୯ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆନୁକୂଲ୍ୟରେ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୩ ଲକ୍ଷବ୍ୟୟ ଅଟକଳରେ କ୍ରସରଠାରୁ ସୁନାଦେଇ ଜଙ୍ଗଲ ରାସ୍ତା ନିର୍ମାଣ କରାଯାଇଛି। ଏହି ରାସ୍ତାରେ କେବଳ ଗୋଟିଏ କ୍ରସର ବ୍ୟତୀତ କୌଣସି ଗାଁ ନାହିଁ। କେବଳ ସୁନାଦେଇ ଜଙ୍ଗଲକୁ ଏହି ରାସ୍ତା ଯାଇଛି। ଉକ୍ତ ଜଙ୍ଗଲ ବବଜା, ଠାକରପାଲି ଘୁଙ୍ଗି ପର୍ଯ୍ୟନ୍ତ ପରିବ୍ୟାପ୍ତ । ପାହଡ ଓ ଜଙ୍ଗଲରେ ବହୁ ମୂଲ୍ୟବାନ ଗଛ ଓ ଔଷଧିୟ ବୃକ୍ଷରାଜି ରହିଛି। ହେଲେ କୌଣସି ଆବଶ୍ୟକତା ନଥାଇ ଉକ୍ତ ରାସ୍ତା ନିର୍ମାଣ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପ୍ରଶାସନର ଦୂରଦୃଷ୍ଟି ଅଭାବ ଯୋଗୁ ବେଆଇନ ଭାବେ ରାସ୍ତା ନିର୍ମାଣରେ ସରକାରୀ ଅନୁଦାନ ବ୍ୟୟ ହୋଇଛି। ଖାଲି ଏତିକି ନୁହେଁ ଉକ୍ତ ରାସ୍ତା ହେବା ଦ୍ୱାରା ସୁନାଦେଇ ଜଙ୍ଗଲରୁ ବହୁମୂଲ୍ୟ ଗଛ ଓ ମାଙ୍ଗାନିଜ ପଥର ଚୋରାଚାଲାଣକାରୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ। ଲୋଇସିଂହା ଫରେଷ୍ଟର ଅଶୋକ ବୁଡେକ କହିଛନ୍ତି ଯେ, ରାସ୍ତା ନ ହେବା ପୂର୍ବରୁ କାଁଭାଁ ଜଙ୍ଗଲରୁ ଚୋରି ହେଉଥିଲା। ନିର୍ମାଣ ଫଳରେ ଚୋରି ସୁବିଧାଜନକ ହୋଇଯାଇଥିବା କହିଥିଲେ। ଏବିଡିଓ ବିଜୟ କୁମାର ହୋତା ଅଭିଯୋର ଅନୁଧ୍ୟାନ କରିବେ ବୋଲି କହିଛନ୍ତି ।




ରାସ୍ତା ଉନ୍ନତୀକରଣ ସୂଚନା ଫଳକ ।

## ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ

ଟିଟିଲାଗଡ, ୨୧।୧୨ (ଡି.ଏନ୍.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଖୋଲାନ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଉଚ୍ଛବ ବୁବେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିହିନୀ ସରପଞ୍ଚ ବୀରବର ସାହୁ ମୁଖ୍ୟଅତିଥି, ରାଜୀବ ଲୋଚନ ପାଢ଼ୀ ମୁଖ୍ୟବକ୍ତା, ସମ୍ମାନୀତ ଅତିଥି ହରିନାରାୟଣ ମିଶ୍ର, ଇନ୍ଦ୍ରମଣି ରଣା ପ୍ରମୁଖ ଯୋଗଦେଇଥିଲେ। ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ଭଲ ମଣିଷ ହୋଇ ଦେଶ ତଥା ଜାତିର ଗୌରବ ବଢ଼ାଇବା ପାଇଁ ଉପଦେଶ ଦେଇଥିଲେ। ଶେଷରେ କମିଟି ସହସମ୍ପାଦକ ମକରଧ୍ୱଜ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ବିଦ୍ୟାଭାରତୀ ଶିଶୁ ସୃଜନିକାର ବାର୍ଷିକ କ୍ରୀଡ଼ା

ବଲାଙ୍ଗୀର ଅଫିସ, ୨୧।୧୨

ବଲାଙ୍ଗୀର ସରକାରୀ ଆଇଟିଆଇ ପଡିଆରେ ବିଦ୍ୟା ଭାରତୀ ଶିଶୁ ସୃଜନିକାର ଚତୁର୍ଥ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ସ୍ୱର୍ଣ୍ଣପଦକ ବିଜେତା ତଥା କରାଟେ କୋଚ ଅସୀମ କୁମାର ଭୋଇ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ଏହି ବାର୍ଷିକ କ୍ରୀଡାରେ ରନ୍, ବଲ ଥ୍ରୋ, ମେମୋରି ରେସ, ଚାମୁଚ ଦୌଡ, ଲମ୍ଫଡିଆଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭୋଇ ଓ ସ୍କୁଲ ନିର୍ଦ୍ଦେଶକ ରାମଚନ୍ଦ୍ର ବେହେରା, ଅଧକ୍ଷା ପ୍ରତିମା ହୋତା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସଭାକୁ ରାଧେକୃଷ୍ଣ ମିଶ୍ର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟ ରଞ୍ଜନ ପାତ୍ର, ଶାନ୍ତି ମେହେର, ଲକି ମେହେର, ନାରାୟଣୀ ସାହୁ, ସସ୍ମିତା ବର୍ଗତ୍ତି ସହଯୋଗ କରିଥିଲେ। ଶେଷରେ ପ୍ରତିମା ହୋତା ଧନ୍ୟବାଦ ଦେଇଥିଲେ।



ବିଦ୍ୟାଭାରତୀର ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ।

■ ବିଡିଘାଟ ୟଙ୍ଗ୍‌ଷ୍ଟାର ଫୁଟବଲ ଟୁର୍ଣ୍ଣାମେଣ୍ଟ

## ସୁନାମୁଦି ଚାମ୍ପିୟନ, କୁଟୁମ୍ବଡୋଲା ରନର୍ସ ଅପ୍

ବଲାଙ୍ଗୀର ଅଫିସ,୨୧।୧୨

ବଲାଙ୍ଗୀର ସଦର ବ୍ଲକ ବିଡିଘାଟ୍‌ଠାରେ ଚାଲିଥିବା ୟଙ୍ଗ୍‌ଷ୍ଟାର ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥିଭାବେ ବଲାଙ୍ଗୀର ସଦର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାସୁଦେବ ମହାପାତ୍ର ଓ ସମ୍ମାନିତ ଅତିଥିଭାବେ ପ୍ରଦ୍ୟୁମ୍ନ ହୋତା ଯୋଗ ଦେଇଥିଲେ। ଫାଇନାଲରେ ସୁନାମୁଦି ଚାମ୍ପିୟନ ଓ କୁଟୁମଡୋଲା ଦଳ ରନର୍ସ ଅପ୍ ହୋଇଥିଲା। ଚାମ୍ପିୟନ୍ ସୁନାମୁଦି ଦଳକୁ ଟ୍ରଫି ସହ ୩ ହଜାର ଟଙ୍କାର ଚେକ୍ ଓ କୁଟୁମ୍ବଡୋଲା ଦଳକୁ ରନର୍ସ ଅପ୍ ଟ୍ରଫି ସହ ୨୫ ଶହ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଖେଳକୁ ଦେବରାଜ ନାହାକ, କୁଞ୍ଜ ବିହାର ବେହେରା, ଜଳନ୍ଧର ସାହୁ, ପ୍ରେମା ପାଣ୍ଡେ ଓ ମଣ୍ଟୁ ବେହେରା ପରିଚାଳନା କରିଥିଲେ । କ୍ରୀଡା ସଙ୍ଗଠକ ତଥା ସଦର ବ୍ଲକ୍ ଅଧକ୍ଷ ଗୋଲାପ ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟ ୫ ଦିନ ଧରି ଚାଲିଥିଲା ଓ ଏଥିରେ ୪ଟି ବ୍ଲକର ୧୨ଟି ଦଳ ଅଂଶଗ୍ରହଣ କରିଥିଲେ । ଏଥିରେ ଶାରଦା ନାଏକ, ବଳରାମ ଭୁଏ, ଲୋକନାଥ ଭୁଏଁ ମନୋଜ ବେହେରା, କୁଶ କୁଅଁର, ରୂପଧର ନାହାକ, ମଣ୍ଟୁ ବେହେରା ଓ ସୁବାସ ରାଉତ ସହଯୋଗ କରିଥିଲେ ।



ଅତିଥିମାନେ ଚାମ୍ପିୟନ ସୁନାମୁଦି ଦଳକୁ ପୁରସ୍କୃତ କରୁଛନ୍ତି ।

■ ମାସିକ ବିଚାର ଆଲୋଚନାଚକ୍ର

# ସାମାଜିକ ପ୍ରତିବଦ୍ଧତା ହରାଇଲେ ସାହିତ୍ୟ ଗ୍ରହଣୀୟ ହୁଏନାହିଁ

ବଲାଙ୍ଗୀର ଅଫିସ, ୨୧।୧୨

ବଲାଙ୍ଗୀର ଆଇନ ମହାବିଦ୍ୟାଳୟରେ ଶନିବାର ସନ୍ଧ୍ୟାରେ ବିଚାର ଓ ଭୂମିକା ପରିବାର ତରଫରୁ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ସାମ୍ପ୍ରତିକ ପରିବେଶରେ ସାହିତ୍ୟର ସାମାଜିକ ପ୍ରତିବଦ୍ଧତା ଶୀର୍ଷକ ଆଲୋଚନାଚକ୍ରରେ ଆଲୋଚକ ଭାବେ ଶିକ୍ଷାବିତ୍ ସନାତନ ଠାକୁର ଯୋଗଦାନ କରି ବିଶଦ୍ ଆଲୋଚନା କରିଥିଲେ। ସାମାଜିକ ପ୍ରତିବଦ୍ଧତା ହରାଇଲେ କୌଣସି ସମୟରେ ବି ସାହିତ୍ୟ ଗ୍ରହଣୀୟ ହୁଏନାହିଁ । ସାହିତ୍ୟ ବୃହତ୍ତର ବର୍ଗଙ୍କୁ ପ୍ରଭାବିତ କରେ । ପୂର୍ବରୁ ସାହିତ୍ୟ ଧାର୍ମିକ ପ୍ରତିବଦ୍ଧତା ଜରିଆରେ ସାମାଜିକ କର୍ତ୍ତବ୍ୟ ପାଳନ କରୁଥିଲା । ମଧ୍ୟଯୁଗୀୟ ସାହିତ୍ୟର ଆବେଦନ ଅଲଗା । ପଠନ ସାହିତ୍ୟ, ଶ୍ରୋତା ସାହିତ୍ୟ ଭିତରେ ପ୍ରଭେଦ ରହିଛି । ତେବେ ଧୀରେ ଧୀରେ ସାହିତ୍ୟ ସମାଜ କେନ୍ଦ୍ରିକ୍ ହେବାରୁ ବ୍ୟକ୍ତିକେନ୍ଦ୍ରିକ ହୋଇଯାଉଛି । କେତେକ ସାହିତ୍ୟିକ ସାହିତ୍ୟ ସୃଷ୍ଟିର ଲକ୍ଷ୍ୟ ନିଜକୁ ପ୍ରଚାରିତ କରିବା ରହିଛି । ଫଳରେ ଏଭଳି ସାହିତ୍ୟ ସଙ୍କୁଚିତ ହୋଇପଡିଛି । ଏଭଳି ସାହିତ୍ୟରେ ସାମାଜିକ ପ୍ରତିବଦ୍ଧତାର ମାତ୍ର ଖୁବ୍ କମ୍ । ଆଉ କିଛି ସାହିତ୍ୟିକ ବଜାର ପାଇଁ ସାହିତ୍ୟ ସୃଷ୍ଟି କରୁଛନ୍ତି । ସେମାନଙ୍କର ଲକ୍ଷ୍ୟ ଭିନ୍ନ । ଏଭଳି ବଜାର ସାହିତ୍ୟର ଆବେଦନ ମଧ୍ୟ ସୀମିତ। ଏଭଳି ବଜାରକେନ୍ଦ୍ରିକ୍ ସାହିତ୍ୟରେ ମଧ୍ୟ ସାମାଜିକ ପ୍ରତିବଦ୍ଧତା ମୂଳତଃ ଦେଖାଯାଏନାହିଁ । ବଜାର ପାଇଁ ସାହିତ୍ୟ ସୃଷ୍ଟି କରିବା ଛାଡି ସମାଜ ପାଇଁ ସାହିତ୍ୟ ସୃଷ୍ଟି ହେଲେ ତାର ସାମାଜିକ ପ୍ରତିବଦ୍ଧତା ଦୃଷ୍ଟିଗୋଚର ହେବ ଓ ଏହା ଗ୍ରହଣୀୟ ହେବ ବୋଲି ଆଲୋଚକ ଠାକୁର କହିଥିଲେ। ଏହି ଆଲୋଚନାରେ ସେ ବିଶ୍ୱସ୍ତରୀୟ ସାହିତ୍ୟିକ, କବି, କଥାକାର, ଉପନ୍ୟାସିକ, ଗାଳ୍ପିକ ଓ ଲେଖକଙ୍କ ଲେଖା ମଧ୍ୟ ଉଦ୍ଧୃତ କରିଥିଲେ । ସଭାରେ ପ୍ରଫେସର ମଧୁସୂଦନ ପତି ବକ୍ତବ୍ୟ ରଖି ଯୁଗାନୁସାରେ ସାହିତ୍ୟର ପ୍ରତିବେଦନ, ସ୍ୱର ଓ ପ୍ରତିବଦ୍ଧତାର ସ୍ୱରୂପ ସମ୍ପର୍କରେ ଆଲୋଚନା କରିଥିଲେ । ସାହିତ୍ୟ ବ୍ୟକ୍ତି ଓ ବର୍ଗଙ୍କୁ କିଭଳି ପ୍ରଭାବିତ କରେ ଓ ସାମାଜିକ ଦାୟିତ୍ୱ ନିର୍ବାହ କରେ କହିଥିଲେ। କାର୍ଯ୍ୟକ୍ରମକୁ ଭୂମିକା ପରିବାରର ଅଖିଳ ଚନ୍ଦ୍ର ହୋତା ସଂଯୋଜନା କରିଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡ ଶ୍ରୀକର ମିଶ୍ର, କୁନା ବାଗ, ବୀରେନ୍ଦ୍ର କୁମାର ଝାଙ୍କର, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, କ୍ଷମାନିଧି ଝାଙ୍କର, ବିଜୟ କୁମାର ତ୍ରିପାଠୀ ମତ ଓ ପ୍ରଶ୍ନ ଉତ୍ଥାପନ କରିଥିଲେ। ଆଲୋଚକ ଠାକୁର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଶେଷରେ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ରରେ ସହରର ବୁଦ୍ଧିଜୀବୀ, ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ଶିକ୍ଷାବିତ୍ ସନାତନ ଠାକୁର ବକ୍ତବ୍ୟ ରଖୁଛନ୍ତି ।



ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା
ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ



## ସଂକ୍ଷେପରେ



ଆକ୍ସନ ମୁଡ୍‌ରେ ଜୁନାଗଡ଼ ଆରଏମ୍‌ସି

### ୫ ମକା ଟ୍ରକରୁ ଜରିମାନା ଆଦାୟ

**ଜୁନାଗଡ଼,୨୧।୧୨(ଡି.ଏନ.ଏ.):** ଦୀର୍ଘ ଦିନର ନୀରବତା ପରେ ବର୍ତ୍ତମାନ ଆକ୍ସନ ମୁଡରେ କଳାହାଣ୍ଡି ଜିଲା ଜୁନାଗଡ ଆରଏମସି । ନୂତନ ଆରଏମସି ସମ୍ପାଦକ ଟଙ୍କଧର ନାଏକଙ୍କ ଯୋଗଦାନ ପରେ ଧରପଗଡକୁ ଜୋରଦାର କରାଯାଇଛି। ଏହି ପରିପ୍ରେକ୍ଷିରେ ଶନିବାର ଜୁନାଗଡ ସହର ରେଲୱେ ଷ୍ଟେଶନକୁ ଯାଉଥିବା ୪୬ଟି ମକା ଟ୍ରକକୁ ଧରପଗଡ କରାଯାଇଥିଲା। ସେଥିମଧରୁ ଆବଶ୍ୟକ କାଗଜପତ୍ର ଦେଖାଇ ପାରି ନ ଥିବା ୫ଟି ଟ୍ରକରୁ ୧୬ହଜାର ୩୬୮ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଅବଶିଷ୍ଟ ଟ୍ରକ ଆବଶ୍ୟକ କାଗଜ ପତ୍ର ଦାଖଲ କରିଥିବାରୁ ସେଗୁଡ଼ିକୁ ଛାଡି ଦିଆଯାଇଥିବା ଜଣାପଡିଛି।



### ସତ୍ୟ କୁମାର ନନ୍ଦଙ୍କ ଟାଉନ ଥାନା ଆଇଆଇସି ଭାବେ ଯୋଗଦାନ

**ଭବାନୀପାଟଣା,୨୧।୧୨ (ଡି.ଏନ.ଏ.):** ଗତ କିଛି ଦିନ ପୂର୍ବେ ଭବାନୀପାଟଣା ଟାଉନ ଥାନା ଆଇଆଇସି ବାସୁଦେବ ଛତ୍ରିଆଙ୍କୁ ବଦଳି କରାଯାଇ ଏସ୍‌ପି ଅଫିସ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ତାଙ୍କ ସ୍ଥାନରେ ଗତ କିଛି ମାସ ପୂର୍ବେ ଭବାନୀପାଟଣା ଟାଉନ ଥାନାରୁ ଲାଞ୍ଜିଗଡକୁ ବଦଳି ହୋଇଥିବା ସତ୍ୟ କୁମାର ନନ୍ଦଙ୍କୁ ପୁଣି ଥରେ ଟାଉନ ଥାନାରେ ଅବସ୍ଥାପିତ କରାଯାଇଛି। ନନ୍ଦ ଗତ ୨୦ ତାରିଖରେ ନୂତନ ଟାଉନ ଥାନା ଆଇଆଇସି ଭାବେ ଯୋଗଦେଇଛନ୍ତି। ଆଇଆଇସି ନନ୍ଦ ଖବରଦାତାଙ୍କ ସାକ୍ଷତକାରରେ ପ୍ରକାଶ କରିଛନ୍ତି ଯେ, ପୂର୍ବ ଅଭିଜ୍ଞତାକୁ ଭିତ୍ତିକରି ସହରର ଶାନ୍ତି ଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ସମସ୍ୟା ପ୍ରତି ବିଶେଷ ଭାବେ ଗୁରୁତ୍ୱ ଦେବେ ଏବଂ ସହରବାସୀଙ୍କ ସୁଖ ଦୁଃଖର ସାଥି ହେବାକୁ ପ୍ରୟାସ କରିବେ ବୋଲି କହିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

କୋକସରା, କାଉଡୋଲା ମଣ୍ଡିରୁ ଧାନ ଉଠାଣ ଦାବି

# ଚାଷୀଙ୍କ ଜାତୀୟ ରାଜପଥ ଅବରୋଧ

■ ଧାନ ଉଠାଇବା ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଲା

**କୋକସରା,୨୧।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ନିର୍ଦ୍ଧାରିତ ସମୟଠାରୁ ୨୦ ବିଳମ୍ବରେ ଧାନମଣ୍ଡିଗୁଡିକ ଖୋଲିଥିବା ବେଳେ ଯୋଗାଣ ବିଭାଗର ବେପରୁଆ ମନୋଭାବ ଯୋଗୁ ଧାନ କିଣାରେ ସ୍ୱଚ୍ଛତା ରହୁ ନାହିଁ । ମିଲ ମାଲିକ ଓ ପ୍ୟାକ୍ସ କର୍ମଚାରୀଙ୍କ ମଧୁଚନ୍ଦ୍ରିକାରେ ମିଲର୍ସଙ୍କ ଦ୍ୱାରା ନିଯୁକ୍ତ ଏଜେଣ୍ଟମାନେ ମନଇଚ୍ଛା କଟନିଛଟନି କରୁଥିବା ହେଉଥିବା ମଧ ଅଭିଯୋଗ ହେଉଥିଲେ ମଧ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ନଭେମ୍ବର ୨୦ ତାରିଖରୁ ଜିଲାର ମଣ୍ଡିଗୁଡିକରେ ଧାନ କ୍ରୟ ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ଟାର୍ଗେଟ ଅଭାବ ଦର୍ଶାଇ ମିଲ ମାଲିକମାନେ ଧାନକିଣା ବନ୍ଦ ରଖିଛନ୍ତି। ଫଳରେ କୋକସରା ବ୍ଲକ ବିଭିନ୍ନ ଧାନ ମଣ୍ଡିଗୁଡିକରେ ହଜାର ହଜାର କୁଇଣ୍ଟାଲ ଧାନ ପଡିରହିଥିବା ଦେଖିବାକୁ ମିଳୁଛି । ସପ୍ତାହ ସପ୍ତାହ ଧରି ଶୀତ କାକରରେ ଚାଷୀ ନିଜ କଷ୍ଟ ଉପାର୍ଜିତ ଧାନକୁ ଜଗି ରହିଥିବା ବେଳେ ପ୍ୟାକ୍ସ କର୍ମଚାରୀମାନେ କେବେ ଟାର୍ଗେଟ ଆସିବ ଓ କେବେ ଧାନ କ୍ରୟ ହେବ ସେ ନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଶନିବାର କୋକସରା ବ୍ଲକ କୋକସରା ଓ କାଉଡୋଲା ମଣ୍ଡିରେ ଧାନ ଆଣିଥିବା ଚାଷୀମାନେ ପ୍ରଶାସନର ଉପେକ୍ଷାକୁ ନେଇ ପ୍ରତିବାଦ କରିଛନ୍ତି। କୋକସରାଠାରେ ସକାଳ ୧୦ଟାରୁ ଧାନବସ୍ତା ରଖି ଜାତୀୟ ରାଜପଥ ଅବରୋଧ କରିଥିଲେ। ଜାତୀୟ ରାଜପଥ ଅବରୋଧ କରିବା ପରେ ସ୍ଥାନୀୟ କୋକସରା ପୋଲିସ ଓ ଅତିରିକ୍ତ ତହସିଲଦାର ଶରତ ଚନ୍ଦ୍ର ଶବର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ମିଲ ମାଲିକମାନଙ୍କୁ ଡକାଇ ଧାନ ଉଠାଇବା ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା । ସେହିପରି କାଉଡୋଲା ହାଇସ୍କୁଲ ଛକ ନିକଟରେ ଶହ ଶହ ଚାଷୀ ଧାନବସ୍ତା ରଖି ଦିନ ୧୨ଟାରେ ରାସ୍ତାରୋକୋ କରିଥିଲେ। ଖବର ପାଇ ଆମପାଣି ପୋଲିସ ଓ ପରେ କୋକସରା ଅତିରିକ୍ତ ତହସିଲଦାର ଶରତ ଚନ୍ଦ୍ର ଶବର ପହଞ୍ଚି ଉତ୍ୟକ୍ତ ଚାଷୀଙ୍କ ସହ ବୁଝାଶୁଝା କରିଥିଲେ। ରବିବାର ମଣ୍ଡିରୁ ଧାନ ଉଠାଣ ସ୍ୱାଭାବିକ ହେବ ବୋଲି ପ୍ରତିଶ୍ରୁତି ପରେ ଚାଷୀମାନେ ରାସ୍ତା ଅବରୋଧରୁ ହଟିଥିଲେ। ଜାତୀୟ ରାଜପଥ ଅବରୋଧ ଯୋଗୁ କୋକସରା ଓ କାଉଡୋଲାଠାରେ ରାସ୍ତା ଦୁଇ ପାର୍ଶ୍ୱରେ ଶହଶହ ଗାଡି ମୋଟର ଅଟକି ରହିଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗିଥିଲେ।



ଚାଷୀମାନେ ଧାନ ବସ୍ତା ରଖି ଜାତୀୟ ରାଜପଥ ଅବରୋଧ କରିଛନ୍ତି ।

# ମୋ ଗାଁ ମୋ ତହସିଲ କାର୍ଯ୍ୟକ୍ରମରେ ପଟ୍ଟା ବଣ୍ଟନ

**କେସିଙ୍ଗା,୨୧।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ତହସିଲ ଅନ୍ତର୍ଗତ ସିଙ୍ଗଝରଣ ଗ୍ରାମରେ ଗଣ୍ଡାରାମ ଖମାରିଙ୍କ ନେତୃତ୍ୱରେ ମୋ ଗାଁ ମୋ ତହସିଲ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସିଙ୍ଗଝରଣ ଗ୍ରାମର ଦାମୋଦର ମାଝି, ପ୍ରତାପ ମାଝି ଓ ନେପାଳ ରଣା ୩ଜଣ ଭୂମିହୀନମାନଙ୍କୁ ୪ ଡେସିମିଲ ଲେଖାଏଁର ଜମିପଟ୍ଟା ତହସିଲଦାର ବଣ୍ଟନ କରିଥିଲେ । ମୋ ଗାଁ ମୋ ତହସିଲର ମୁଖ୍ୟ ଭୂମିକା ଓ ମୂଳ ଉଦ୍ଦେଶ୍ୟ, ସେବା ଓ ବିଭିନ୍ନ ରାଜସ୍ୱ ଆଇନ ଉପରେ ଆଲୋଚନା କରି ଉପସ୍ଥିତ ଗ୍ରାମବାସୀଙ୍କୁ ବୁଝାଇଥିଲେ । ମିଟେସନ, ସାର୍ଟିଫିକେଟ, ବାସସ୍ଥାନ ପ୍ରମାଣପତ୍ର, ଇନକମ୍ ସାର୍ଟିଫିକେଟ ପ୍ରଭୃତି ତହସିଲ କାର୍ଯ୍ୟଗୁଡିକୁ ସିଧାସଳଖ ଭାବରେ ବିନା ମଧ୍ୟସ୍ଥତାରେ ଆବେଦନ କରିବା ପାଇଁ ଉପସ୍ଥିତ ଗ୍ରାମବାସୀ ବୁଝାଇ କହିଥିଲେ। ଏହି କାର୍ଯ୍ୟକ୍ରମରେ ହେଡକ୍ଲାର୍କ ଲକ୍ଷ୍ମୀନାରାୟଣ ପୃଷ୍ଟି, ରେଭିନ୍ୟୁ ସୁପରଭାଇଜର ଅଜୟରାଜ ସିଖା, ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଡ ସ୍ନେହାଞ୍ଜଳି ପ୍ରଧାନ, ଜୁନିୟର ରେଭିନ୍ୟୁ ଆସିସଷ୍ଟାଣ୍ଡ ଗୁରୁଦେବ ବନଛୋର, ସୌମ୍ୟଶେଖର କନହର, କଣ୍ଟପଡା ଇନଚାର୍ଜ ରାଜସ୍ୱ ନିରୀକ୍ଷକ ଜନ୍ମଜୟ କୁମାର ପ୍ରମୁଖ ଉପସ୍ଥିତ ଲୋକଙ୍କୁ ନିଜସ୍ୱ ମତ ପ୍ରଦାନ କରିଥିଲେ ।





ମୋ ଗାଁ ମୋ ତହସିଲ କାର୍ଯ୍ୟକ୍ରମରେ ଉପସ୍ଥିତ ତହସିଲ କର୍ମଚାରୀ ବୃନ୍ଦ।



କାର୍ଯ୍ୟକ୍ରମରେ ଏମ୍‌ପି ବସନ୍ତ ପଣ୍ଡାଙ୍କ ସହ ଅତିଥିବୃନ୍ଦ ।

# ଯୁବ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ

**କୋକସରା,୨୧।୧୨ (ଡି.ଏନ.ଏ.)**

ଭାରତ ସରକାରଙ୍କ ଯୁବା ଓ ଖେଳ ମନ୍ତ୍ରଣାଳୟ ଓ କଳାହାଣ୍ଡି ନେହେରୁ ଯୁବା କେନ୍ଦ୍ର ମିଳିତ ଆନୁକୁଲ୍ୟରେ କୋକସରା ପଞ୍ଚାୟତସମିତିସ୍ନାତକମହାବିଦ୍ୟାଳୟରେ ଶନିବାର ଯୁବ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ଗୁଣାକର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡିଆସି ଶାଖ ପରିଚାଳକ କଳାହାଣ୍ଡି ଜିଲା ସୁଧାଂଶୁ ରନ ପ୍ରଧାନ, ନେହେରୁ ଯୁବକେନ୍ଦ୍ର ସଂଯୋଜକ ଦୁତିଆ ବନ୍ଧିଛୋଡ, ଭାଜପାର ବରିଷ୍ଠ ନେତା ଜନାର୍ଦ୍ଧନ ପଣ୍ଡା, ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟ ପୂର୍ବତନ ସଭାପତି ବ୍ୟୋମକେଶ ପଣ୍ଡା, ଜିଲା ଯୁଥ କୋର୍ଡିନେଟପ୍ରଶନ୍ନମେହେରପ୍ରମୁଖଅତିଥି ଭାବେ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ଯୁବ ପ୍ରତିଭାର ବିକାଶ ହେଲେ ଯୁବ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ ଅସଲ ଉଦ୍ଦେଶ୍ୟ ସାଧିତ ହେବ ବୋଲି ବକ୍ତାମାନେ ମତ ରଖିଥିଲେ। ଏହି ଅବସରରେ କୋକସରା ବ୍ଲକର ବିଭିନ୍ନ କ୍ଲବଗୁଡିକ ଚିହ୍ନଟ କରାଯାଇ ଆଗାମୀ ଦିନରେ ସେମାନଙ୍କ ଭିତ୍ତିଭୂମିର ବିକାଶ ଲାଗି ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଆର୍ଥିକ ସାହାର୍ଯ୍ୟ ଯୋଗଇ ଦିଆଯିବ ବୋଲି ନେହେରୁ ଯୁବକେନ୍ଦ୍ରରରୁ ଆସିଥିବା ଅଧିକାରୀମାନେ କହିଥିଲେ। ମହାବିଦ୍ୟାଳୟ ଓଡିଆ ଅଧ୍ୟାପକ ତଥା ଏନସିସି ପ୍ରଶିକ୍ଷକ ଅଶ୍ୱିନି କୁମାର ପଟ୍ଟନାୟକ କାର୍ଯ୍ୟକ୍ରମର ମହତ୍ୱ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକ କନକ ମରୀ ବେହେରା ସ୍ୱାଗତ ଅଭିବାଦନ ଜଣାଇଥିବା ବେଳେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଧ୍ୟାପକ ଜଗନ ଚନ୍ଦାନୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏମ୍‌ପିଙ୍କ ସହ ଭାଜପାର ସୁଧୀର ରଞ୍ଜନ ପାଢୟୋଷୀ, ଅଜୟ ପାଣିଗ୍ରାହୀ, ଗୋଦାବରିଶ ପାତ୍ର, ମୋଟେର ଜିଲା ପରିଷଦ ସଭ୍ୟ ଅମୋଜ କୁମାର ପଣ୍ଡାଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ। ଯୁଥ ରେଡକ୍ରସ ପରାମର୍ଶଦାତା ସୁବ୍ରତ କୁମାର ବେହେରା, ଅଧ୍ୟାପକ ପୁଷ୍ପରାଜ ମେହେର, ଅଇରୀ ନାଶନ ଚିନ୍ଦା, ହୃଦାନନ୍ଦ ଧଙ୍ଗଡାମାଝି, କ୍ଷୀରାବ୍ଧି ବିଶି, ସୁନିଲ କୁମାର ପ୍ରଧାନୀ, ଖେଳ ଶିକ୍ଷକ ପ୍ରତାପ କୁମାର ବିଶି ପ୍ରମୁଖ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଜେଡିସିସି କ୍ରିକେଟ କପ୍ ତୃତୀୟ ଦିବସ: ଚିକିଲି, ନୂଆପଡା ବିଜୟୀ

**ଜୁନାଗଡ,୨୧।୧୨ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ଭୈରବ ପଡିଆଠାରେ ଚାଲିଥିବା ଜୟ ଦୁର୍ଗା କ୍ରିକେଟ କ୍ଲବ କପ ୨୦୧୯-୨୦ର ଶନିବାର ତୃତୀୟ ଦିବସରେ ଚିକିଲି ଓ ନୂଆପଡା ଦଳ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ ଚିକିଲି ଓ ଲୁହା ଗାଁ ମଧରେ ହୋଇଥିଲା। ଟସ ଜିଣି ଚିକିଲି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରତ ଓଭରରେ ୧୦ ଉଇକେଟ ହରାଇ ୧୦୬ ରନ ସଂଗ୍ରହ କରିଥିଲା। ଜବାବରେ ଲୁହା ଗାଁ ୧୨ ଓଭରରେ ୯ ଉଇକେଟ ହରାଇ ୧୦୩ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଚିକିଲି ଦଳର ରିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚରେ ଗୋପବନ୍ଧୁ କ୍ଲବ ଜୁନାଗଡ ଓ ନୂଆପଡା ମଧରେ ଅନୁଷ୍ଠିତ ହୋଇଥିଲା। ଗୋପବନ୍ଧୁ କ୍ଲବ ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୬୮ ରନ କରିଥିଲା। ଜବାବରେ ନୂଆପଡା ଗୋଟିଏ ଉଇକେଟ ହରାଇ ମାତ୍ର ୬୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ନୂଆପଡା ଦଳର ମୀନକେତନ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ରବିବାର ମାଟିଗାଁ ସହିତ ତେନ୍ତୁଳିପଡା ଓ ଆଟିଗାଁ ସହିତ ଆୟୋଜକ ଜୟଦୁର୍ଗା କ୍ରିକେଟ କ୍ଲବ ମଧରେ ମ୍ୟାଚ୍ ଅନୁଷ୍ଠିତ ହେବ।

# ସିଏଏ, ଏନ୍‌ଆର୍‌ସି ବିରୋଧରେ ବହୁଜନ କ୍ରାନ୍ତି ମୋର୍ଚ୍ଚାର ବିକ୍ଷୋଭ

**ଭବାନୀପାଟଣା,୨୧।୧୨ (ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ହୋଇଥିବା ସିଏଏ ଓ ଏନ୍‌ଆର୍‌ସିକୁ ବିରୋଧ କରି କରି ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବହୁଜନ କ୍ରାନ୍ତି ମୋର୍ଚ୍ଚା ଜିଲା ପ୍ରଭାରୀ ସୁରେଶ ଚନ୍ଦନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଭାରତ ମୁକ୍ତି ମୋର୍ଚ୍ଚା ଜିଲା ସଭାପତି ସଞ୍ଜୟ ଶବର, ଆଦିବାସୀ ଏକତା ପରିଷଦ ଜିଲା ସଭାପତି ସନ୍ତୋଷ ନାଏକ, ଏନ୍‌ଏପିଏଫ୍‌ର ଜିଲା ସଭାପତି ଲବ ଜରୁଆଁ, ବିଏମ୍‌ପିର ଜିଲା କାର୍ଯ୍ୟକାରୀ ସଭାପତି ଯୁବରାଜ ଛତ୍ରିଆ, ରିଷିସୂଦନ ଛତ୍ରପାଲ, ରାଷ୍ଟ୍ରୀୟ ମୂଳ ନିବାସୀ ମହିଳା ସଂଘ ରାଜ୍ୟ ସଭାନେତ୍ରୀ କମଳିନୀ ଯାଦବ, ପଛୁଆବର୍ଗ ରାଜ୍ୟ ସଂଯୋଜକ ଜଗଦୀଶ ଯାଦବ, ପଛୁଆବର୍ଗ ଜିଲା ସଭାପତି ଡାକେଶ୍ୱର ରଣା, ବିଦ୍ୟାର୍ଥୀ ମୋର୍ଚ୍ଚାର ପ୍ରହଲ୍ଲାଦ ଗୋପାଳ, ମୁକେଶ ଚଲାନ, ମଧୁସୂଦନ ନାଏକ, ଅଗସ୍ତି ନାଏକ, ଭୀମସେନା ଜିଲା ସଭାପତି ନନ୍ଦ ନାଏକ, ନାଗତିକ, ମଞ୍ଚ ଜିଲା ସଭାପତି ଧର୍ମେନ୍ଦ୍ର ନାଏକ, ଛବିଲାଲ ନିଆଲ, ରାଜ୍ୟ ଅନୁସୂଚିତ ଜାତି ଅନୁଷ୍ଠାନର ରାଜ୍ୟ ସବାପତି ନାଦରାଜ ନାଏକ, ରାଷ୍ଟ୍ରୀୟ ମୁସଲିମ ମୋର୍ଚ୍ଚାର ମେହେବୁବ ରାଜ୍ୟ, ମସଜିଦ କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କୀର୍ତ୍ତିଚନ୍ଦ୍ର ଗଉଡ ସଭା ପରିଚାଳନା କରିଥିବା ବେଳେ କଲିମୁଲ୍ଲା ଖାନ ଧନ୍ୟବାଦ ଦେଇଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବିର

**କେଗାଁ,୨୧।୧୨(ଡି.ଏନ.ଏ.)**

କଳାହାଣ୍ଡି ସାନଚେରଗାଁ ଆଞ୍ଚଳିକ ବସ୍ତ୍ରରାଣୀ ଉଚ୍ଚ ମାଧମିକ ବିଦ୍ୟାଳୟଠାରେ ଯୁବ ରେଡକ୍ରସ ଶାଖା ଆନୁକଲ୍ୟରେ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଧକ୍ଷ ତ୍ରିଲୋଚନ ସାହୁ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ଦଳାଇ ମୁଖ୍ୟଅତିଥି ରୂପେ ଯୋଗଦେଇ ମାନବିକତା ହିଁ ପ୍ରକୃତ ଧର୍ମ ବୋଲି କହିଥିଲେ। ଜିଲା ଆବାହକ ଡ. ପଲ୍ଲୀଶ୍ରୀ ପଟ୍ଟନାୟକ, ଜିଲା ସଂଯୋଜକ ଶାନ୍ତନୁ କୁମାର ପରିଡା, ସରୋଜ କୁମାର ପଣ୍ଡା ଓ ନୃସିଂହନନ୍ଦ ସାସମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାନ, ଯୁବରେଡକ୍ରସର ଇତିହାସ ଓ ସ୍ୱେଚ୍ଛାସେବୀ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କ୍ୟାପଟେନ ଜୟଦେବ ସାହୁ ଓ ବାପି ସାର ପ୍ରମୁଖ ଉପସ୍ଥିତ ଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ତଥା କାଉନସିଲର ଅଗସ୍ତି ସୁନାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଯୋଗମାୟା ପୀଠ, ଯୋଗସାଧନା ଦେବ ଗୁମ୍ଫା

# ପର୍ଯ୍ୟଟନସ୍ଥଳ ମାନ୍ୟତା ଦାବି କଲେ ଅଞ୍ଚଳବାସୀ

**କେସିଙ୍ଗା,୨୧।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କୁଣ୍ଡାବନ୍ଧ ଗ୍ରାମପଞ୍ଚାୟତ ଅଧୀନ ଗୁର୍ଜିମୁଣ୍ଡା ଗ୍ରାମ ନିକଟସ୍ଥ ଆଧାତ୍ମିକ, ପ୍ରାକୃତିକ ଯୋଗମାୟା ପୀଠ ଓ ଯୋଗସାଧନା ଦେବଗୁମ୍ଫାକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଯୋଗମାୟା ପୀଠ ଓ ଯୋଗସାଧନା ଦେବଗୁମ୍ଫା ଏକ ପ୍ରସିଦ୍ଧ ପୀଠ। ଏଠାକୁ ଜିଲା ତଥା ଓଡିଶାର ବିଭିନ୍ନ ଅଞ୍ଚଳରୁ ଲୋକମାନେ ପରିଦର୍ଶନରେ ଆସିଥାନ୍ତି। ବଣଭୋଜି କରିବା ପାଇଁ ଶହ ଶହ ସଂଖ୍ୟାରେ ଛାତ୍ରୀଛାତ୍ରମାନେ ଏଠାକୁ ଆସିଥାନ୍ତି। ଯୋଗମାୟାପୀଠ ପରିସର ମଧରେ ପାତାଳେଶ୍ୱର, ଦକ୍ଷୀଣ ହନୁମାନ, କାମଧେନୁ ଗାଈ, ଯଜ୍ଞମଣ୍ଡପ ପ୍ରଭୃତି ପାର୍ଶ୍ୱଦେବା ଦେବୀ ଅଛନ୍ତି। ଏଠାରେ ହୋମଯଜ୍ଞ, ଗୀତା, ଭାଗବତ, ଶିବରାତ୍ରି ମେଳା, ନବରାତ୍ରି ମେଳା ଭଳି ପର୍ବପର୍ବାଣୀ ପାଳିତ ହୁଏ। ଭକ୍ତମାନେ ବହୁ ଦୂରଦୂରାନ୍ତରୁ ଆସି ଯୋଗମାୟାପୀଠରେ ନିଜ ମନସ୍କାମନା ଜଣାଇଥାନ୍ତି। ଯୋଗମାୟାପୀଠରୁ ଅଧ କି.ମି. ଦୂରରେ ଯୋଗସାଧନା ଦେବ ଗୁମ୍ଫା ଐତିହାସିକ ଯୁଗରୁ ପ୍ରସିଦ୍ଧ। ଏଠାରେ ମୁନିରଷିମାନେ ସାଧନା କରି ସିଦ୍ଧିପ୍ରାପ୍ତ ହେଉଥିଲେ। ଏହି ଦେବ ଗୁମ୍ଫାର ପ୍ରବେଶ ଦ୍ୱାର ସମ୍ମୁଖରେ ଧବଳେଶ୍ୱର ଲିଙ୍ଗ ଆବିର୍ଭାବ ହୋଇଛି । ଏହାର ଗୋଲେଇ ପ୍ରାୟ ୪୦ ଫୁଟ, ଉଚ୍ଚତା ୩୦ ଫୁଟ ହେବ। ପ୍ରତିବର୍ଷ ଏହି ଶିବ ଲିଙ୍ଗର ଆକାର ବୃଦ୍ଧି ପାଇଥାଏ ବୋଲି ଅଞ୍ଚଳବାସୀଙ୍କଠାରୁ ଶୁଣିବାକୁ ମିଳିଥାଏ। ଏହି ପ୍ରାକୃତିକ ଓ ଆଧାତ୍ମିକ ସୌନ୍ଦର୍ଯ୍ୟର ଯୋଗମାୟା ଓ ଦେବଗୁମ୍ଫା ପରିସର ମଧରେ ବିଭିନ୍ନ ଔଷଧ ବୃକ୍ଷ ମଧ ରହିଛି। ଏହା ୫ ଏକର ଜମି ପରିସର ମଧରେ ଅବସ୍ଥିତ। ବିରିପୁଡା ପାହାଡ ଉଚ୍ଚ ଦେଶରେ ୧୧ଟି କୂଅ ରହିଛି। ଖରା, ବର୍ଷା, ସବୁ ସମୟରେ ପାଣି ରହିଥାଏ। ଏହାକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ପାଇଁ ଅଞ୍ଚଳବାସୀ ବହୁବାର ଜିଲା ପ୍ରଶାସନ ତଥା ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ଆବେଦନ କରାଯାଇଥିଲେ ସୁଦ୍ଧା ଆଜକୁ ୨୫ ବର୍ଷ ହେଲା ପର୍ଯ୍ୟଟନର ମାନ୍ୟତା ମିଳିପାରି ନାହିଁ। ଏ ସଂକ୍ରାନ୍ତରେ କଳାହାଣ୍ଡି ଜିଲା ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରିଆଙ୍କୁ ପଚାରିବାରୁ କେସିଙ୍ଗା ତହସିଲଦାରଙ୍କୁ ଜମି ଚିହ୍ନଟ କରିବା ପାଇଁ ଚିଠି ଦିଆଯାଇଛି । ସର୍ଭେ କାର୍ଯ୍ୟ ମଧ ଶେଷ ହୋଇଛି । ଜମି ଚିହ୍ନ ରିପୋର୍ଟ ଆସିଲେ ମାନ୍ୟତା ଦିଆଯିବା ସହିତ ଅନୁଦାନ ମଧ ଦିଆଯିବ ବୋଲି ପ୍ରକାଶ କରିଥିଲେ ।







ଯୋଗମାୟା ପୀଠ, ଯୋଗସାଧନା ଦେବ ଗୁମ୍ଫାର ବିଭିନ୍ନ ଦୃଶ୍ୟ ।





ଜାତୀୟ ଲୋକନୃତ୍ୟ ଓ ଆଦିବାସୀ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ନୃତ୍ୟ ସଙ୍ଗମ ୨୦୧୯ ଉଦ୍‌ଘାଟନୀରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

ଜାତୀୟ ଲୋକନୃତ୍ୟ ଓ ଆଦିବାସୀ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ

# ନୃତ୍ୟ ସଙ୍ଗମ୍ ୨୦୧୯ ଉଦ୍‌ଘାଟିତ

**ଭବାନୀପାଟଣା,୨୧।୧୨(ଡି.ଏନ.ଏ.)**

ସ୍ଥାନୀୟ ଲାଲ୍‌ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ରେ ପ୍ରତିଭା ଅନୁଷ୍ଠାନ ପକ୍ଷରୁ ଜାତୀୟ ଲୋକନୃତ୍ୟ ଓ ଆଦିବାସୀ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ନୃତ୍ୟ ସଙ୍ଗମ ୨୦୧୯ ଗତ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ପ୍ରତିଭାର ସଭାପତି ଧାନାନନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ସତ୍ୟନାରାୟଣ ସିଂହ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଚିଣ୍ଟୁ ପ୍ରସାଦ ନାଏକ ବିବରଣୀ ପାଠ କରିଥିଲେ । ଦେଶରେ ଲୋକ ସଂସ୍କୃତି ଓ ଆଦିବାସୀ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଉଭୟ ସରକାରୀ ଓ ବେସରକାରୀସ୍ତରରେ ଉଦ୍ୟମ ଚାଲିଛି । ଏହି କ୍ଷେତ୍ରରେ ପ୍ରତିଭା ଅନୁଷ୍ଠାନ ଗତ ୧୫ ବର୍ଷ ଧରି ଲୋକକଳା, ଲୋକ ସଂସ୍କୃତି ଓ ଆଦିବାସୀ ସଂସ୍କୃତିର ବିକାଶ ନିମନ୍ତେ କାର୍ଯ୍ୟ କରି ଏକ ଉଦାହରଣ ସ୍ପଷ୍ଟ କରିବା ସହ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ କଳାହାଣ୍ଡିର ଲୋକକଳା, ଲୋକ ସଂସ୍କୃତିକୁ ପ୍ରଦର୍ଶିତ କରି ଏକ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛି ବୋଲି ଅତିଥିମାନେ କହିଥିଲେ । କଣ୍ଠଶିଳ୍ପୀ ସର୍ବେଶ୍ୱର ଭୋଇ ଓ କଣ୍ଠଶୀଳ୍ପୀ ନିଳାଞ୍ଚଳ ପାନ ବିଭିନ୍ନ ସଙ୍ଗୀତ ପରିବେଷଣ କରିଥିଲେ। ପରେ ଗୁରୁ ରାମେଶ୍ୱର ଠାକୁରଙ୍କର ସେହେନାଇ ବାଦନ, ମହାବୀର ସାଂସ୍କୃତିକ ଅନୁଷ୍ଠାନ ଘୁମୁରା ନୃତ୍ୟ, ଛତିଶଗଡର ଲୋକନୃତ୍ୟ, ଭବାନୀପାଟଣା ମୃଣ୍ମୟୀ ଡ୍ୟାନ୍ସ ଏକାଡେମୀର ନୃତ୍ୟ, ଗଞ୍ଜାମର ରଣପା ନୃତ୍ୟ, ତେଲେଙ୍ଗାନାର ଲୋକନୃତ୍ୟ ପରିବେଷିତ ହୋଇଥିଲା। ଆକାଶବାଣୀ କଳାକାର ଭାନୁପ୍ରକାଶ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡିକର ମୃତ୍ୟୁ ହୋଇଯାଉ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### କାର୍ ଧକ୍କାରେ କୀର୍ତ୍ତନ ଗୁରୁ ଗୁରୁତର

ବଡଗାଁ,୨୧।୧୨(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅନ୍ତର୍ଗତ ତୁଡାଲଗା ନିକଟ ରଙ୍ଗବତୀ ଢ଼ାବା ସମ୍ମୁଖରେ ଶନିବାର ସନ୍ଧ୍ୟାରେ ଏକ କାର ଧକ୍କାରେ କୁରେଇବଗା ଗ୍ରାମର ବରିଷ୍ଠ କିର୍ତ୍ତନ ଗୁରୁ ନୃପଲାଲ ମାଝି(୬୫) ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବଡଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ଆର୍‌ଜିଏଚ୍‌କୁ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ମୁତାବକ, ତୁଡାଲଗା ନିକଟ ରଙ୍ଗବତୀ ଢ଼ାବା ସମ୍ମୁଖରେ ନୃପଲାଲ ସାଇକେଲ ଧରି ରାସ୍ତା ଅତିକ୍ରମ କରୁଥିଲେ। ସେତିକିବେଳେ ଏକ କାର ସାଇକେଲକୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଫଳରେ ନୃପଲାଲଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗୁରୁତର ଆଘାତ ଲାଗିଛି। ସୂଚନାଯୋଗ୍ୟ, ନୃପଲାଲ ଅଞ୍ଚଳର ଜଣେ ଜଣାଶୁଣା କୀର୍ତ୍ତନ ଗୁରୁ।

### ଟ୍ରକ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା ଚୟନ

ଟେନ୍‌ସା,୨୧।୧୨(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ଟ୍ରକ ମାଲିକ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି । ଶନିବାର ଖଣି ଅଞ୍ଚଳ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ହୋଇଥିଲା। ବିଦାୟୀ ସଭାପତି ଜନାର୍ଦ୍ଦନ ଦେହୁରୀଙ୍କ ଅଧକ୍ଷତାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିରେ ସଂଘର ନୂତନ ସଭାପତି ବିଶ୍ୱନାଥ ଭଞ୍ଜ, ଉପସଭାପତି ଏମ୍‌ଡି ଇଦ୍ରିସ, ସମ୍ପାଦକ ମିଶ୍ର ପାତ୍ର, ଯୁଗ୍ମ ସମ୍ପାଦକ ଶେଖର ଗୁପ୍ତା, କୋଷାଧକ୍ଷ ଭାବେ ସତ୍ୟନାରାୟଣ ଗୁପ୍ତା, ସଦସ୍ୟ ଭାବେ ବିନୋଦ ବିହାରୀ ସାହୁ ଓ ସୌମେନ୍ଦ୍ର ଦାସ ନିର୍ବାଚିତ ହୋଇଥିଲେ। ଶେଷରେ ଜନାର୍ଦ୍ଦନ ଦେହୁରୀ ନୂତନ ସଭାପତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ।

### ପୋଲିସ କର୍ମଚାରୀଙ୍କୁ ଅଟକ ଘଟଣା, ୫ ଗିରଫ

ନୂଆଗାଁ,୨୧।୧୨(ଡି.ଏନ୍.ଏ.): ପିଲା ଚୋରି ଅଭିଯୋଗର ତଦନ୍ତ କରିବାକୁ ଆସିଥିବା ପୋଲିସ କର୍ମଚାରୀଙ୍କୁ ଅଟକ ରଖି ଦୁର୍ବ୍ୟବହାର ଅଭିଯୋଗରେ ସୁନ୍ଦରଗଡ଼ ଜିଲା ହାତୀବାରି ଥାନା ପୋଲିସ ଶୁକ୍ରବାର ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୋକେରମା ଗ୍ରାମର ରବି ବେକ(୨୯), ଅଜିତ ବେଗ୍(୨୮), ବିକାଶ ସାହୁ(୨୨), ମାରବାଡି ସାହୁ(୨୮) ଓ ସରଜୁ ସାହୁ(୨୭)। ଏନେଇ ହାତୀବାରି ଥାନା ପୋଲିସ ଏକ ମାମଲା(ନଂ.୬୭/୧୯) ରୁଜୁ କରିଛି। ମିଳିଥିବା ସୂଚନା ମୁତାବକ, ସୁନ୍ଦରଗଡ ଜିଲା ହାତିବାରୀ ଥାନା ଅନ୍ତର୍ଗତ କୋକେରମା ଗ୍ରାମରେ ଅକ୍ଟୋବର ୬ତାରିଖ ରାତିରେ ଜଣେ ଯୁବକଙ୍କୁ ପିଲା ଚୋରି ଅଭିଯୋଗରେ ଗ୍ରାମବାସୀ ଅଟକ ରଖିଥିଲେ। ଖବର ପାଇ ହାତିବାରୀ ଥାନା ପୋଲିସ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ପୋଲିସ ଅଧିକାରୀମାନେ ଯୁବକ ଜଣକ ମାନସିକ ରୋଗରେ ପୀଡିତ ଥିବା ଜାଣିବାକୁ ପାଇ ତାଙ୍କୁ ଉଦ୍ଧାର କରିଥିଲେ। ସେତିକିବେଳେ ଗିରଫ ଯୁବକମାନେ କର୍ତ୍ତବ୍ୟରତ ପୋଲିସ ଅଧିକାରୀମାନଙ୍କୁ ଅଟକ ରଖି ଦୁର୍ବ୍ୟବହାର କରିଥିଲେ। ଏ ନେଇ ପୋଲିସ କର୍ମଚାରୀମାନେ ଥାନାରେ ଏକ ଅଭିଯୋଗ କରିଥିଲେ। ସେହିଦିନଠାରୁ ଯୁବକମାନେ ଫେରାର ହୋଇଯାଇଥିଲେ। ଶୁକ୍ରବାର ପୋଲିସ ଘଟଣାରେ ସମ୍ପୃକ୍ତଥିବା ଯୁବକମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା।

## ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

# ଜିଲା ଓକିଲସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ସୁନ୍ଦରଗଡ଼,୨୧।୧୨ (ଡି.ଏନ୍.ଏ.)

**ସରକାରୀ କାର୍ଯ୍ୟ ଅଚଳ**



ସୁନ୍ଦରଗଡ଼ ଜିଲା ଓକିଲସଂଘ କର୍ମକର୍ତ୍ତା ଶନିବାର କୋର୍ଟ ସମ୍ମୁଖରେ ଧାରଣା ଦେଇଛନ୍ତି।

ପଶ୍ଚିମ ଓଡ଼ିଶାର ସମ୍ବଲପୁରଠାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ନେଇ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତିକ୍ରମେ ପ୍ରତ୍ୟେକ ମାସର ଶେଷ ୩ ଦିନ କାର୍ଯ୍ୟଦିବସକୁ ଓକିଲମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରି ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲା ଓକିଲସଂଘ ପକ୍ଷରୁ ଶନିବାରଠାରୁ ୩ ଦିନିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି । ଜିଲା ଓକିଲ ସଂଘ ସଭାପତି ଦୁଷନ୍ତ କୁମାର ନାଏକ, ସମ୍ପାଦକ ଅଶୋକ କୁମାର ସ୍ୱାଇଁ, ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ପରମେଶ୍ୱର ନାଏକ, ପ୍ରହ୍ଲାଦ ଅଗ୍ରୱାଲ, କମଲ ସେନ, ଯୁଗଳ କିଶୋର ଠାକୁର, ତାରାକାନ୍ତ ରକ୍ସା, ସୁକାନ୍ତ ମହାପାତ୍ର, ସୁନୀଲ ଚୌଧୁରୀ, ନୀରଜ ସାମନ୍ତରାୟ, ବୁଦ୍ଧଦେବ ନାଏକ, ନରେଶ ନାଏକ, ସୁପ୍ରଭା ପଟେଲ, ପ୍ରମୋଦ ମିଶ୍ର, ପ୍ରୀତୀଶ ମିଶ୍ର, ମନୋଜ ମହାରଣା, କଳ୍ପନା ମାଇତି, ଅରୁଣ ଜୋଷୀ ପ୍ରମୁଖ ଆଇନଜୀବୀ କୋର୍ଟ ସମ୍ମୁଖରେ ଧାରଣାରେ ବସିଥିଲେ। ଏପରି କି ଓକିଲମାନେ ପିକେଟିଂ କରି ଜିଲାପାଳ ଓ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟାଳୟ ବନ୍ଦ କରିଥିଲେ। ଫଳରେ ସମସ୍ତ ସରକାରୀ କାର୍ଯ୍ୟ ଅଚଳ ହୋଇପଡିଥିଲା।

# ଡାଲମିଆ ସିମେଣ୍ଟ ପକ୍ଷରୁ କୌଶଳ ପ୍ରଶିକ୍ଷଣ ଶିବିର

ରାଜଗାଙ୍ଗପୁର,୨୧।୧୨ (ଡି.ଏନ.ଏ.)

ଡାଲମିଆ ସିମେଣ୍ଟ ପକ୍ଷରୁ ସ୍ଥାନୀୟ ଓସିଏଲ୍ ଅଡିଟୋରିୟମରେ କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା(ପିଏମ୍‌କେଭିୱାଇ)ର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ସ୍ଥାନୀୟ ଶିକ୍ଷିତ ବେକାର ଯୁବକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିରେ ରାଜଗାଙ୍ଗପୁର ଏବଂ ଆଖପାଖ ଗ୍ରାମର ୩୦୦ରୁ ଊର୍ଦ୍ଧ୍ୱ ଯୁବତୀ, ଯୁବକ ଏବଂ ଅଭିଭାବକ ଉପସ୍ଥିତ ଥିଲେ। ବିଜନ ବିଶ୍ୱାଳ ପିଏମ୍‌କେଭିୱାଇ ମାଧ୍ୟମରେ ରହିଥିବା ବିଭିନ୍ନ ଯୋଜନା ବିଷୟରେ ସୂଚନା ଦେଇଥିଲେ। ଏପରି କି ଯୁବବର୍ଗଙ୍କୁ ବିଭିନ୍ନ ପାଠ୍ୟକ୍ରମ ଏବଂ ନିଯୁକ୍ତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶିବିରରେ ଡାଲମିଆ ସିମେଣ୍ଟ ଜନସମ୍ପର୍କ ବିଭାଗର ଏଇଡି ବିଶାଳ ଶର୍ମା କହିଥିଲେ, କୌଶଳ ବିକାଶ ଯୋଜନାରେ ଯୁବବର୍ଗଙ୍କ ପାଇଁ ଯଥେଷ୍ଟ ସୁଯୋଗ ରହିଥିବା କହିଥିଲେ। ଏପରି କି ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଲାଭ ଉଠାଇବାକୁ କହିଥିଲେ। ଏପରି କି କମ୍ପାନୀ ପକ୍ଷରୁ ଯୁବବର୍ଗଙ୍କ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ।


ଯୁବତୀଯୁବକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

# ହରଷା ପେଟ୍ରୋଲ ପମ୍ପ ପୁଣି ଖୋଲିଲା

ଟେନସା,୨୧।୧୨(ଡି.ଏନ.ଏ.)

ବନ୍ଦଥିବା ସୁନ୍ଦରଗଡ଼ ଜିଲା କୁସୁମୁଣ୍ଡି ହରଷା ପେଟ୍ରୋଲ ପମ୍ପକୁ ପ୍ରଶାସନ ପକ୍ଷରୁ ପୁଣି ଖୋଲି ଦିଆଯାଇଛି। ମିଳିଥିବା ସୂଚନା ମୁତାବକ, ସୁନ୍ଦରଗଡ଼ ଜିଲାପାଳ ନିଖିଳ ପବନ କଲ୍ୟାଣ କୋଇଡା ଗସ୍ତରେ ଆସି କୁସୁମୁଣ୍ଡିଠାରେ ଥିବା ଏକ ଆର୍ଦ୍ଦଶ ବିଦ୍ୟାଳୟ ପରିଦର୍ଶନ କରିବାକୁ ଯାଇଥିଲେ। ସେତିକିବେଳେ ହରଷା ପେଟ୍ରୋଲ ପମ୍ପ ନିକଟରେ ଗାଡି ମୋଟର ଅଟକି ରାସ୍ତା ଜାମ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ପେଟ୍ରୋଲ ପମ୍ପକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ପେଟ୍ରୋଲ ପମ୍ପରେ ସୁରକ୍ଷା ପ୍ରତି କୌଣସି ଧ୍ୟାନ ଦିଆଯାଇ ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ଜିଲାପାଳ ଘଟଣାର ତଦନ୍ତ କରିବାକୁ ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ଭୋଇଙ୍କ ଉପସ୍ଥିତରେ ମାପଓଜନ ବିଭାଗର ବରିଷ୍ଠ ଅଧିକାରୀ, କୋଇଡା ଏବଂ ଲହୁଣୀପଡା ଓ ବଣାଇଁ ବ୍ଲକର ଯୋଗାଣ ଅଧିକାରୀ, ଅତିରିକ୍ତ ତହସିଲଦାର, ଅଗ୍ନିଶମ ବିଭାଗ, ପୋଲିସ ଅଧିକାରୀ ମିଳିତ ଭାବେ ହରଷା ପେଟ୍ରୋଲ ପମ୍ପର ଯାଞ୍ଚ କରିଥିଲେ। ଯାଞ୍ଚବେଳେ ଅଧିକାରୀମାନେ ପେଟ୍ରୋଲ ପମ୍ପର କାଗଜପତ୍ର ଠିକ୍ ଥିବା ଦେଖିବକୁ ପାଇଥିଲେ। ଏନେଇ ଜିଲାପାଳଙ୍କୁ ଏକ ରିପୋର୍ଟ ପ୍ରଦାନ କରାଯାଇଥିଲା। ପରେ ଜିଲାପାଳ ପେଟ୍ରୋଲ ପମ୍ପ ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ।


କୁସୁମୁଣ୍ଡି ହରଷା ପେଟ୍ରୋଲ ପମ୍ପରେ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

## ମହିଳାଙ୍କୁ ଯୌତୁକ ନିର୍ଯାତନା: ଥାନାରେ ଏତଲା

ସୁନ୍ଦରଗଡ଼,୨୧।୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ସଦର ଥାନା ଅନ୍ତର୍ଗତ ଅଲେଇକେରା ଗ୍ରାମର ଜଣେ ମହିଳା ସ୍ୱାମୀଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ କରିଛନ୍ତି। ସାବିତ୍ରୀ ସାହୁ(୩୧) ନାମ୍ନୀ ମହିଳା ଜଣକ ୨୦୧୮ ଜୁନ ୩୦ ତାରିଖରେ ସୋନପୁର ଜିଲା ଡୁଙ୍ଗୁରିପାଲି ଥାନା ସରଗୁଲ ଗାଆଁର ପ୍ରେମାନନ୍ଦ ନାହକଙ୍କୁ ବିବାହ କରିଥିଲେ। ହେଲେ ବିବାହର କିଛିଦିନ ପରେ ସ୍ୱାମୀ ପ୍ରେମାନନ୍ଦ ଅଧିକ ଯୌତୁକ ଆଣିବାକୁ ଦାବି କରି ସାବିତ୍ରୀଙ୍କୁ ନିର୍ଯାତନା ଦେଇଥିଲେ। ନିର୍ଯାତନା ସହିନପାରି ସାବିତ୍ରୀ ୧୪ମାସର ଶିଶୁ କନ୍ୟାଙ୍କୁ ଧରି ବାପଘର ଚାଲିଆସି ରହୁଛନ୍ତି। ଅଭିଯୋଗ ପରେ ସଦର ଥାନା ପୋଲିସ ଏକ ମାମଲା(ନଂ.୨୭୪/୧୯) ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ପ୍ରେମାନନ୍ଦ ଅନ୍ୟଜଣେ ଯୁବତୀଙ୍କୁ ବିବାହ କରିଥିବା ଅଭିଯୋଗ ହୋଇଛି।

## ଚାଷୀଙ୍କୁ ଶୋଷଣ ଅଭିଯୋଗ

ବଡଗାଁ,୨୧।୧୨(ଡି.ଏନ.ଏ.)

ଚାଷୀଙ୍କୁ ଶୋଷଣ କରିବାକୁ ସରକାର ମିଲରମାନଙ୍କୁ ସୁଯୋଗ ଦେଉଥିବା ଅଭିଯୋଗ ହେଉଛି । ସୁନ୍ଦରଗଡ଼ ଜିଲାର ଚାଷୀମାନେ ମଣ୍ଡିକୁ ଧାନ ଆଣିବା ନେଇ ଆବଶ୍ୟକ ବସ୍ତା ବିଭିନ୍ନ ସ୍ଥାନରୁ ଯୋଗାଡ କରୁଛନ୍ତି । ମରାମତି କରାଯାଇଥିବା ଅଖା ବସ୍ତା ୨୦ ଟଙ୍କା ଓ ନୂଆ ବସ୍ତା ୨୪ ଟଙ୍କାରେ ବଜାରରୁ କିଣୁଛନ୍ତି। ହେଲେ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ୧୨ ଟଙ୍କା ୫୦ ପଇସା ମିଲର ଦେଉଥିବାରୁ ଚାଷୀମାନେ ସିଧାସଳଖ ୮ ଟଙ୍କା ଗୋଟିଏ ବସ୍ତାରେ କ୍ଷତି ସହୁଛନ୍ତି । ଏନେଇ ଚାଷୀ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷେ ଅଧିକାରୀ ଓ ମିଲର ମାଲାମାଲ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବଡଗାଁ ବ୍ଲକ ଅଞ୍ଚଳର କେତେକ କୃଷକ ସଂଗଠନର କର୍ମକର୍ତ୍ତାମାନେ ଏ ନେଇ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ସେଥିରେ ଧାନ ବସ୍ତା ବାବଦରେ ୨୦ ଟଙ୍କା ପ୍ରଦାନ କରିବାକୁ ଦାବି କରାଯାଇଛି।

# ପ୍ରସ୍ତାବିତ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟକୁ ବିରୋଧ

ସୁନ୍ଦରଗଡ଼,୨୧।୧୨ (ଡି.ଏନ୍.ଏ.)

ସୁନ୍ଦରଗଡ ପୌରପାଳିକା ପକ୍ଷରୁ ବିଭିନ୍ନ ୱାର୍ଡରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପଦକ୍ଷେପ ଆରମ୍ଭ ହୋଇଛି । ଏହି କ୍ରମରେ ଓାର୍ଡ ନମ୍ବର ୨ ଅନ୍ତର୍ଗତ ମହାଦେବ ପଡ଼ାରେ ପୌରପାଳିକା ପକ୍ଷରୁ ପ୍ରସ୍ତାବିତ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର ଓ ମ୍ୟାଟେରିଆଲ ଫ୍ରି ସେଣ୍ଟର କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଛନ୍ତି। ଏହି ପ୍ରକଳ୍ପ ହେବା ଦ୍ୱାରା ସମ୍ପୃକ୍ତ ଅଞ୍ଚଳର ପରିବେଶ ପ୍ରଦୂଷିତ ହେବା ସହ ପାଖରେ ପ୍ରବାହିତ ହେଉଥିବା ଇବ୍ ନଦୀର ଜଳ ପ୍ରଦୂଷିତ ହେବାର ଆଶଙ୍କା ରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏନେଇ ଅନ୍ୟତ୍ର ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏ ସମ୍ପର୍କରେ କିଛିଦିନ ତଳେ ପଡାବାସୀ ଜିଲାପାଳଙ୍କୁ ସାକ୍ଷାତ କରି ଜଣାଇଥିଲେ। ଶନିବାର ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ଏବଂ ପୌରପାଳିକା ନିର୍ବାହୀ ଅଧିକାରୀ ଅଶୋକ ମିଶ୍ର ମହାଦେବପଡ଼ାକୁ ଯାଇ ପ୍ଲାଣ୍ଟ ପ୍ରତିଷ୍ଠା ସମ୍ପର୍କରେ ପଡାବାସୀଙ୍କୁ ବୁଝାଶୁଝା କରିଥିଲେ। ହେଲେ ଏଥିରେ ବିଫଳ ହୋଇଥିବା ଜଣାପଡିଛି।

# ଟକରା ଜିଇଏଲ୍ ଚର୍ଚ୍ଚରେ ଖ୍ରୀଷ୍ଟ ମହୋତ୍ସବ

ଲହୁଣୀପଡ଼ା,୨୧।୧୨ (ଡି.ଏନ.ଏ.)

ଲହୁଣୀପଡ଼ା ବ୍ଲକ ଅଧୀନ ଟକରାସ୍ଥିତ ଜିଇଏଲ୍ ଚର୍ଚ୍ଚରେ ଦଶମ ବାର୍ଷିକ ଖ୍ରୀଷ୍ଟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଣେଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବାଙ୍କି ରେଞ୍ଜ ଅଧିକାରୀ ଅଜୟ ଖେସ, ପ୍ୟାରିସ ଅଧକ୍ଷ ଜେ.କେ. କାଣ୍ଡୁଲାନା, ମୁଖ୍ୟବକ୍ତା ଭାବେ ପାଷ୍ଟର ବିଶ୍ୱବାଣୀ ଦିନେଶ ଦୀପ ଯୋଗଦେଇଥିବା ବେଳେ ପ୍ରେମମାସୀ ବୁଡୁ ଅଧକ୍ଷତା କରିଥିଲେ। ପ୍ରଚାରକ ବାରଦାନ କାଣ୍ଡୁଲାନା ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବତନ ସରପଞ୍ଚ ପ୍ୟାରା ବାର୍ଲା ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ଖ୍ରୀଷ୍ଟଧର୍ମ ତଥା ପ୍ରଭୁ ଯୀଶୁଙ୍କ ଜୀବନୀ ଉପରେ ମତବ୍ୟକ୍ତ କରିଥିଲେ। ୱାଲ୍ଟର ବାର୍ଲା, ଦାଉଦ ଖାଲଖୋ, ମାର୍ସାଲାନ ଟପ୍ପୋ, ଜୁଲିଆନି କାଣ୍ଡିର, ସୁଜାତା ସାମାଦ, ମୁଣ୍ଡରେନ ଜୋଜୋ, ଯୋଶେଫ କୁଡୁ, ଜେମ୍ସ କେର୍କେଟାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଜୁଲିଆନି କଣ୍ଡିରଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପାଦ୍ରି ପାଉଲସ ବାର୍ଲା ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନଙ୍କୁ ପାରମ୍ପରିକ ବାଦ୍ୟନୃତ୍ୟର ତାଳେ ତାଳେ ମଞ୍ଚ ନିକଟକୁ ପାଛୋଟି ଅଣାଯାଇଥିଲା। ଏପରି କି ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ମହୋତ୍ସବରେ ଆଖପାଖ ଅଞ୍ଚଳ ସମେତ ବହୁ ଦୂରଦୂରାନ୍ତରୁ ଖ୍ରୀଷ୍ଟଧର୍ମାବଲମ୍ବୀ ଯୋଗଦେଇଥିଲେ।



ଜିଇଏଲ୍ ଚର୍ଚ୍ଚରେ ଦଶମ ବାର୍ଷିକ ଖ୍ରୀଷ୍ଟ ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ଅଟୋ ମାଲିକ ସଂଘର ବନ୍ଧୁମିଳନ କାର୍ଯ୍ୟକ୍ରମ

# ଉତ୍ତମ ସେବା ଯୋଗାଇଦେବାକୁ ଗୁରୁତ୍ୱ

ଲହୁଣୀପଡ଼ା,୨୧।୧୨ (ଡି.ଏନ.ଏ.)

ଲହୁଣୀପଡ଼ା ମୁଖ୍ୟ ବଜାର ଅଟୋ ମାଲିକ ସଂଘର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ବିରତଲାଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଟୋ ମାଲିକ ସଂଘର ସମସ୍ତ ମାଲିକଙ୍କ ସହ ଲହୁଣୀପଡା ଅଞ୍ଚଳର ବୁଦ୍ଧିଜୀବୀ, ସାମାଜିକକର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ଏକ ବୈଠକ ହୋଇଥିଲା । ଏଥିରେ ସଂଘ ସଭାପତି ମୁକୁନ୍ଦଚରଣ ମାହାନ୍ତ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଅନୟ କୁମାର ପଣ୍ଡା ସଂଘର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଲହୁଣୀପଡା ଅଞ୍ଚଳ ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଲହୁଣୀପଡ଼ା ଅଞ୍ଚଳରେ ଅନେକ ରାସ୍ତାକୁ ବସ୍ ଚଳାଚଳ କରିପାରି ନାହିଁ। ଫଳରେ ଅନେକ ଯାତ୍ରୀ ଅଟୋକୁ ଭରସା କରିଥାନ୍ତି । ଏପରି କି ଅନେକ ରାସ୍ତା ଅଛି ଯେଉଁଠି ଆମ୍ବୁଲାନ୍ସ ମଧ୍ୟ ଯାଇପାରୁ ନାହିଁ । ଏନେଇ ଜନସାଧାରଣ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଦେବାକୁ ବୈଠକରେ କୁହାଯାଇଥିଲା। ସେଥିପ୍ରତି ଅଟୋ ମାଲିକମାନେ ମଧ୍ୟ ଯତ୍ନବାନ ହେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିରେ ଅଟୋ ମାଲିକ ସଂଘର ସଭ୍ୟ ସନୁ ମୁଣ୍ଡା, ଧରଣୀଧର କିଷାନ, ମାଙ୍ଗରା ଓରାମ, ଗଦାଧର କିଷାନ, କଣ୍ଠ ମହାକୁଡ଼, ଅଜୟ କିଷାନ, ପବିତ୍ରମୋହନ କିଷାନ, ପ୍ରଦୀପ ମୁଣ୍ଡା ପରି ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ବାଇକ୍ ଲୁଟ୍ ଘଟଣାରେ ୩ ଗିରଫ

ବଲାଙ୍ଗୀର ଅଫିସ, ୨୧।୧୨

ବାଇକ୍ ଲୁଟ୍ ଘଟଣାରେ ବଲାଙ୍ଗୀର ଟାଉନ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ପାଟଣାଗଡ ଥାନା ଅନ୍ତର୍ଗି ସିଲେଟ୍‌ପଡା ଗ୍ରାମର ଭାସ୍କର ବନ୍‌ଛୋର ଓ ସାନନ୍ଦ ନାଏକ ଏବଂ ଲରମ୍ଭା ଥାନା ଗୁଞ୍ଜାଡିହି ଗ୍ରାମର ପ୍ରେମାନନ୍ଦ ଥପା। ସେମାନଙ୍କଠାରୁ ପୋଲିସ ଦୁଇଟି ଚୋରି ବାଇକ୍ ଉଦ୍ଧାର କରିଛି। ବାଇକ ଲୁଟ୍ ଘଟଣାକୁ ନେଇ ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଥିଲେ । ଗତ ନଭେମ୍ବର ୧୪ ତାରିଖ ଦିନ ବଲାଙ୍ଗୀର ସିଡିଏମ୍‌ଓ ଅଫିସ ନିକଟରୁ ସହର ପ୍ୟାଲେସ ଲାଇନ୍‌ର ପ୍ରେମାନନ୍ଦ ସାହୁଙ୍କ ବଜାଜ ପ୍ଲାଟିନା (ଓଡି୦୩ଜେ୯୮୬୩) ବାଇକ୍ ଚୋରି ହୋଇଯାଇଥିଲା। ଏ ନେଇ ସାହୁ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ।

# କଲ୍ୟାଣ ମଣ୍ଡପ ନିର୍ମାଣ ନେଇ ଗ୍ରାମବାସୀଙ୍କ ନିଷ୍ପତ୍ତି

ବଡଗାଁ,୨୧।୧୨ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ପାମରା ଗ୍ରାମରେ ଏକ ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମାଣ ନେଇ ହୋଇଥିବା ଜମି ଚିହ୍ନଟକୁ କେତେକ ବ୍ୟକ୍ତି ବିରୋଧ କରିଥିଲେ। ଏନେଇ ଶନିବାର ଗ୍ରାମବାସୀ, ୱାର୍ଡ ସଭ୍ୟାସଭ୍ୟ, ସରପଞ୍ଚ, ସମିତି ସଭ୍ୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ଜମି ଚିହ୍ନଟ କରିବା ସହ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସରପଞ୍ଚ ଗଜେନ୍ଦ୍ର ବାଗ, ନାଏବ ସରପଞ୍ଚ ଇମାଏଲ ଡୁଙ୍ଗଡୁଙ୍ଗ, ସମିତି ସଭ୍ୟା ନନ୍ଦିନୀ ସିଂ, ୱାର୍ଡ ମେମ୍ବର ଲିଲିମା କେର୍କେଟା, ଅମୃତ ସେଠୀ, ଲଙ୍କେଶ୍ୱର ନାଏକ, ଗୋବିନ୍ଦ ଟପ୍ପୋ, ଚିନ୍ମୟ ବାର୍ଲା, ରଶ୍ମିତା ରାଉତ, ଜ୍ୟୋତ୍ସା ରଣା, ଗ୍ରାମର ଅଲେଖ ବାରିକ, ନଳିନୀ ରଞ୍ଜନ ସାହୁ, ନିରଞ୍ଜନ ବାରିକ, ଗୌରାଙ୍ଗ ରାଉତ ପ୍ରମୁଖଙ୍କ ସହ ଗ୍ରାମବାସୀଙ୍କ ଉପସ୍ଥିତ ଥିଲେ।


ପାମରା ଗ୍ରାମରେ ଅନୁଷ୍ଠିତ ଏକ ବୈଠକରେ ଜନପ୍ରତିନିଧିଙ୍କ ସହ ଉପସ୍ଥିତ ଗ୍ରାମବାସୀ।

# ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

ବଡଗାଁ,୨୧।୧୨ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅଧୀନ ବରଙ୍ଗାକଛାର ଗ୍ରାମରେ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଡିଓ କ୍ଷମାନିଧି ଭୋଇ, ପୂର୍ବତନ ବ୍ଲକ ଅଧକ୍ଷ ପରମାନନ୍ଦ ବାଗ, ସାହାଜବାହାଲ ସରପଞ୍ଚ ବିକ୍ରମ ଟପ୍ପୋ, ବରଙ୍ଗାକଛାର ସରପଞ୍ଚ ରାଜେଶ୍ୱରୀ କାଲୋ, ଏଏଓ ରିତୁରାଣୀ କାଲୋ, ଏସ୍.ଟପ୍ପୋ, ରାଜଗାଙ୍ଗପୁର ଡିଏଓ ଏସ୍.କେର୍କେଟା ଯୋଗଦେଇଥିଲେ। କୃଷି ବିଭାଗ ଅଧିକାରୀମାନେ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଚାଷୀଙ୍କୁ ବୁଝାଇଥିଲେ। ମେଳାରେ ଚାଷୀମାନେ ସେମାନଙ୍କ ସମସ୍ୟା ଓ ଏହାର ସମାଧାନ ନେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୫ଜଣ ସଫଳ ଚାଷୀ ଜରଙ୍ଗଲୋଇ ଗ୍ରାମର ବେଣୁଧର ରଣା, ଉଦାରମା ଗ୍ରାମର ମିଶ୍ର ହେସ, ପାମରା ଗ୍ରାମର କିଶୋର ରଣା, ଦାଣ୍ଡଜମରା ଗ୍ରାମର ଭଗବାନ କୁଜୁର, ଭୋଇପାଲି ଗ୍ରାମର ବିନୋଦ ମେହେରଙ୍କୁ ମାନପତ୍ର ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ମେଳାରେ ପଟୁଆବେଡା ଗ୍ରାମର ଦୋଳଗୋବିନ୍ଦ ବେହେରା ଗତ ବର୍ଷର ଇନ୍‌ପୁଟ ସବ୍‌ସିଡି ଚାଷୀଙ୍କୁ ମିଳି ନ ଥିବା ଅଭିଯୋଗ କରିଥିଲେ। ସପ୍ତାହେ ମଧ୍ୟରେ ଇନ୍‌ପୁଟ ସବସିଡି ମିଳିବା ଦିଗରେ ଚେଷ୍ଟା କରିବେ ବୋଲି ବିଡିଓ ଭୋଇ ପ୍ରତିଶ୍ରୁତି ଦେଇଥିଲେ। ସନ୍ଧ୍ୟା ସୁଦ୍ଧା କେତେଜଣ ଚାଷୀଙ୍କ ଆକାଉଣ୍ଟକୁ ସବ୍‌ସିଡି ଟଙ୍କା ଆସିଥିବା ଚାଷୀମାନେ କହିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧକ୍ଷ ବାଗ କୃଷି ସମ୍ବନ୍ଧୀୟ କବିତା ପାଠ କରିଥିଲେ ।


ବିଡିଓ କ୍ଷମାନିଧି ଭୋଇ କୃଷକ ସମ୍ପର୍କ ମେଳା ଉଦ୍‌ଘାଟନ କରୁଛନ୍ତି ।